## ଗୋଦାମରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୬।୭ (ସୂର୍ଯ୍ୟକାନ୍ତ ବେହେରା):** ହଂସପାଳ ସିମ୍ଫୋନୀ ମଲ୍ ନିକଟରେ ଥିବା ଏକ ଗୋଦାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଏସି ଓ ଫ୍ରିଜ୍ ଯନ୍ତ୍ରାଂଶ ସମେତ ବହୁ ଜିନିଷପତ୍ର ଜଳି ନଷ୍ଟ ହୋଇଯାଇଛି। ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

# ବାଲୁଖଣ୍ଡରେ ହେବ ସଫାରି

ଭୁବନେଶ୍ୱର,୬।୭(ଅସମାପିକା ସାହୁ)



ପୁରୀ ବାଲୁଖଣ୍ଡ ଅଭୟାରଣ୍ୟରେ ଜଙ୍ଗଲ ସଫାରି ହେବ। ପର୍ଯ୍ୟଟକଙ୍କୁ ଜଙ୍ଗଲ ବୁଲିବାର ଅନୁଭୂତି ମିଳିବ। ଅକ୍ଟୋବରରୁ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ଶନିବାର ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ବିଭିନ୍ନ ସ୍ଥାନରେ ବା ଅଭୟାରଣ୍ୟରେ ଥିବା ଚିତ୍ରା ହରିଣଙ୍କ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଇଛି। ବାଲୁଖଣ୍ଡ ଅଭୟାରଣ୍ୟରେ କେବଳ କୃଷ୍ଣସାର ମୃଗଙ୍କୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସେଠାରେ କୃଷ୍ଣସାର ମୃଗଙ୍କ ସଂଖ୍ୟା କମିବାରେ ଲାଗିଲା। ସେଥିପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ କୃଷ୍ଣସାର ମୃଗ ସମେତ ଚିତ୍ରା ହରିଣଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ଅକ୍ଟୋବର ସୁଦ୍ଧା ଜଙ୍ଗଲ ସଫାରି ଆରମ୍ଭ ହେବ। ପର୍ଯ୍ୟଟକଙ୍କୁ ଏହା ଏକ ନୂତନ ଅନୁଭୂତି ଯୋଗାଇଦେବ। ପୁରୀକୁ ବହୁତ ପର୍ଯ୍ୟଟକ ଯିବାଆସିବା କରୁଥିବାରୁ ସେମାନେ ଏହି ସଫାରିର ମଜା ନେଇପାରିବେ ବୋଲି ପିସିସିଏଫ୍ କହିଛନ୍ତି।

ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ଲମ୍ବିଛି। ବଙ୍ଗୋପସାଗର କୂଳରେ ପ୍ରାୟ ୮୭ ବର୍ଗ କି.ମି. ପରିବ୍ୟାପ୍ତ ଏହି ଅଭୟାରଣ୍ୟ ଝାଉଁବଣ ସାଙ୍ଗକୁ କାଜୁ, ଆକାଶିଆ ଆଦି ଗଛ ସହ ବିଭିନ୍ନ ପ୍ରଜାତିର ଉଦ୍ଭିଦରେ ଶୋଭାବର୍ଦ୍ଧନ କରୁଛି। ଏହାସହ ବନ୍ୟପ୍ରାଣୀଙ୍କ ପାଇଁ ରହିଛି ସୁରକ୍ଷିତ ଆଶ୍ରୟସ୍ଥଳ। ରାଜ୍ୟରେ ଯେଉଁ ଅଳ୍ପ କେତୋଟି ଜାଗାରେ କୃଷ୍ଣସାର ମୃଗଙ୍କୁ ଦେଖିବାକୁ ମିଳୁଥିଲା ତା'ମଧ୍ୟରେ ପୁରୀର ବାଲୁଖଣ୍ଡ ଅଭୟାରଣ୍ୟ ଅନ୍ୟତମ ଥିଲା। କିନ୍ତୁ ପ୍ରତିକୂଳ ପରିବେଶ, ବନ୍ୟଜନ୍ତୁ ଶିକାର ଓ ସୁରକ୍ଷା ଦେବାରେ ବନ ବିଭାଗର ବିଫଳତା ଯୋଗୁ ୨୦୧୪ରୁ କୃଷ୍ଣସାର ମୃଗଙ୍କ ବଂଶ ସମ୍ପୂର୍ଣ୍ଣ ଲୋପ ପାଇବାକୁ ବସିଲାଣି। ଏବେ କେବଳ ଚିତ୍ରା ହରିଣଙ୍କ ସହ ବଣଭୁଆ, ଗଧିଆ, ବିଲୁଆ, ନେଉଳ, ଓଧ ଆଦି ବନ୍ୟଜନ୍ତୁ ବସବାସ କରୁଛନ୍ତି। ତେଣୁ ପୁଣି ଥରେ ବାଲୁଖଣ୍ଡ ଅଭୟାରଣ୍ୟକୁ କୃଷ୍ଣସାର ମୃଗଙ୍କ ମୁକ୍ତ ବିଚରଣର ଆଶ୍ରୟସ୍ଥଳୀ କରିବାକୁ ବନ ବିଭାଗ ପଦକ୍ଷେପ ନେଇଛି।

ପୂର୍ବରୁ ଭୁବନେଶ୍ୱର ଚନ୍ଦକାରେ ସଫାରି ଆରମ୍ଭ ହୋଇଥିବାବେଳେ ଭରତପୁର ସଂରକ୍ଷିତ ଜଙ୍ଗଲରେ ନାଇଟ୍ ସଫାରି ମଧ୍ୟ ଚାଲୁଛି। ଅନ୍ୟପଟେ ମୟୂରଭଞ୍ଜର ଶିମିଳିପାଳ ଟାଇଗର ରିଜର୍ଭ ନିକଟରେ ଓଡ଼ିଶା ଏକ ସ୍ୱତନ୍ତ୍ର ମେଲାନିଷ୍ଟିକ ଟାଇଗର ବା ବିରଳ କଳାବାଘ ସଫାରି ସ୍ଥାପନ କରିବାକୁ ଯାଉଛି।

## ସଂକ୍ଷେପରେ

### ଇସ୍କନରେ ଅପରାହ୍ନ ୩ଟା, କିସ୍‌ରେ ୪ଟା ୩୦ରେ ରଥଟଣା

**ଭୁବନେଶ୍ୱର,୬।୭(ଶର୍ମିଷ୍ଠା ପାଣିଗ୍ରାହୀ):** ଆଜି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଇସ୍କନ, ଆର୍‌ସିଏମ୍ ଜଗନ୍ନାଥ ମନ୍ଦିର, ୟୁନିଟ୍-୫, କିସ୍ ବାଣୀକ୍ଷେତ୍ର, ରସୁଲଗଡ଼, ବାଣୀବିହାରରେ ବ୍ୟାପକ ଆୟୋଜନ କରାଯାଇଛି। ଇସ୍କନରେ ଅପରାହ୍ନ ୨ଟାରେ ଗୋପୀନାଥ ସ୍ୱାମୀ ମହାରାଜ ଛେରା ପହଁରା କରିବେ। ୩ଟାରେ ରଥଟଣା ହେବ। ସେହିପରି କିଟ୍ ଜଗନ୍ନାଥ ମନ୍ଦିର ଶ୍ରୀବାଣୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ନିମନ୍ତେ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ରବିବାର ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ, ନେତ୍ରୋତ୍ସବ ସହ ରଥଯାତ୍ରା ଅନୁଷ୍ଠିତ ହେବ। ଅପରାହ୍ନ ୪ଟାରେ ଛେରାପହଁରା ପରେ ୪ଟା ୩୦ରେ ରଥଟଣା ପାଇଁ ନିଷ୍ପତ୍ତି ନିଆଯାଇଛି।

### ରଥଯାତ୍ରା ପାଇଁ 'ନିମନ୍ତ୍ରଣ'ରେ ୧୫ ବ୍ୟଞ୍ଜନର ଶାକାହାରୀ ଥାଳି

**ଭୁବନେଶ୍ୱର,୬।୭(ଶର୍ମିଷ୍ଠା ପାଣିଗ୍ରାହୀ):** ରଥଯାତ୍ରା ପାଇଁ ଭୁବନେଶ୍ୱରସ୍ଥିତ ନିମନ୍ତ୍ରଣ ରେସ୍ତୋରାଁ ପକ୍ଷରୁ ଶନିବାର ସ୍ୱତନ୍ତ୍ର ଶାକାହାରୀ ଥାଳିର ଶୁଭାରମ୍ଭ କରାଯାଇଛି। ଓଟିଡିସିର ସାଧାରଣ ପରିଚାଳକ ଡ. ଲଲାଟେନ୍ଦୁ ସାହୁ, 'ନିମନ୍ତ୍ରଣ'ର ମୁଖ୍ୟ ସେଫ୍ ସଞ୍ଜୟ ସରକାର ପ୍ରମୁଖ ଉପସ୍ଥିତ ରହି ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ୧୫ ତାରିଖ ପର୍ଯ୍ୟନ୍ତ ଗ୍ରାହକଙ୍କୁ ୫୪୯ ଟଙ୍କାର ଥାଳିରେ ୧୫ ପ୍ରକାର ଶାକାହାରୀ ବ୍ୟଞ୍ଜନ ପରଷା ଯିବାର ବ୍ୟବସ୍ଥା କରାଯାଇଛି। ଏହା ମାଧ୍ୟମରେ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ଓଡ଼ିଆ ସଂସ୍କୃତି, ପର୍ବପର୍ବାଣି ଏବଂ ବ୍ୟଞ୍ଜନର ଆଦୃତି ବୃଦ୍ଧି ନିମନ୍ତେ ପ୍ରୟାସ କରାଯାଉଛି। ନବଦିନ ବ୍ୟାପୀ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯିବ। ଏହି ଶାକାହାରୀ ଥାଳିରେ ଭାତ, କାନିକା, ଡାଲମା, ପୁରି, ବେସର, ଶାଗ, ପାଚେଡ଼ି ସହ ଖାସ୍ତା ମିଠା, ଛେନା ମିଠା, ଖିରି ଓ ଦହିତୋରାଣି ଆଦି ରହିବ। ଏହି ସମୟରେ ଏଠାରେ କୌଣସି ପ୍ରକାର ଆମିଷ ଖାଦ୍ୟ ଉପଲବ୍ଧ ହେବ ନାହିଁ। ମଧ୍ୟାହ୍ନ ଭୋଜନ ଏବଂ ରାତ୍ରି ଭୋଜନରେ କେବଳ ସ୍ୱତନ୍ତ୍ର ଶାକାହାରୀ ଥାଳି ମିଳିବ।

### ମହିଳାଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୬।୭ (ସୂର୍ଯ୍ୟକାନ୍ତ ବେହେରା):** ବଡଗଡ ଥାନା ଅନ୍ତର୍ଗତ ବ୍ରିଟ କଲୋନୀରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଶନିବାର ରାତିରେ ଏକ ଭଡା ଘରୁ ମିଳିଛି। ସେ ହେଲେ ଝୁନା ସାହୁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ପାରିପାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ସୂଚନାନୁସାରେ, ମହିଳାଙ୍କ ସ୍ୱାମୀ ଦୁଇ ପିଲାଙ୍କୁ ନେଇ ମାର୍କେଟ ଯାଇଥିବାବେଳେ ଝୁନା ଘରେ ରହିଥିଲେ। ସ୍ୱାମୀ ବୁଲାବୁଲି ସାରି ଘରକୁ ଫେରିବା ପରେ ଝୁନା ଘର ଭିତରେ ଝୁଲୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ମେରିଲାଇଫ୍ ପୋର୍ଟାଲରେ ଚାରାରୋପଣ ତଥ୍ୟ ଅପ୍‌ଲୋଡ୍ ନିର୍ଦ୍ଦେଶ

ଭୁବନେଶ୍ୱର, ୬।୭(ଅସମାପିକା ସାହୁ)

'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ଚାରା ରୋପଣର ସର୍ବାଧିକ ୧ ଲକ୍ଷ ୪୮ ହଜାର ଫଟୋ ଅପ୍‌ଲୋଡ୍ କରାଯାଇଛି। ଏହି ଅଭିଯାନରେ ଅଧିକରୁ ଅଧିକ ସାମିଲ ହୋଇ ଚାରା ଲଗାଇ ଫଟୋ ଅପଲୋଡ୍ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଚାରା ରୋପଣ କରି କେନ୍ଦ୍ର ସରକାରଙ୍କ ମେରିଲାଇଫ୍ ପୋର୍ଟାଲ https://merilife.nic.inରେ ଅପ୍‌ଲୋଡ୍ କରିବା ପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଶନିବାର ରାଜ୍ୟ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ସମସ୍ତ ଜିଲାପାଳ, ବନଖଣ୍ଡ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ସେ ଲେଖିଛନ୍ତି, ପ୍ରତ୍ୟେକ ଚାରାରୋପଣକୁ ଅପ୍‌ଲୋଡ୍ ଫଳରେ ରାଜ୍ୟରେ ଏହି ଅଭିଯାନ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ତେଣୁ ନିଜ ଜିଲାରେ ହେଉଥିବା ଚାରା ରୋପଣର ଫଟୋ ଅପ୍‌ଲୋଡ୍ କରି ଯେଭଳି ସୁନିଶ୍ଚିତ ହେବ ସେଥିପ୍ରତି ମନିଟରିଂ କରିବା ପାଇଁ ସଚିବ ଅନୁରୋଧ କରିଛନ୍ତି।

# ୭୨ ଚିତ୍ରକଳାରେ 'ମୋ ମନର ଜଗନ୍ନାଥ'




ଚିତ୍ରକଳା ପ୍ରଦର୍ଶନୀ 'ମୋ ମନର ଜଗନ୍ନାଥ'ର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସୁଭଦ୍ରା ଆର୍ଟ ଗ୍ୟାଲେରି ଅଧ୍ୟକ୍ଷ ସୂର୍ଯ୍ୟ ରଥଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଂଗ୍ରହାଳୟସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରିଠାରେ 'ମୋ ମନର ଜଗନ୍ନାଥ' ପ୍ରଦର୍ଶନୀ ଶନିବାର ଆରମ୍ଭ ହୋଇଛି। ଅତିଥି ଭାବେ ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ, ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ, ଗୀତିକାର ପଞ୍ଚାନନ ସାମଲ, କବି ମିହିର ସାହୁ, ସାମାଜିକ କର୍ମୀ ଶିଶିର ସାହୁ, ସିମ୍ଲା ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ହିମ ଚାଟାର୍ଜୀ, ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ରବି ରଥ ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ଶିଳ୍ପୀ ରବି ରଥ, ପ୍ରବୋଧ ସାହୁ, ପ୍ରଣବ ଅଖଣ୍ଡ, ମୀନକେତନ ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ବନ୍ଦିତା ବିଶ୍ୱାଳଙ୍କ ସମେତ ୫୦ରୁ ଅଧିକ ଶିଳ୍ପୀଙ୍କ ୭୨ଟି ପେଣ୍ଟିଂ ସ୍ଥାନ ପାଇଛି। ଗ୍ୟାଲେରିର ନିର୍ଦ୍ଦେଶକ ଅଶୋକ ନାୟକ ଧନ୍ୟବାଦ ଦେଇଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ରଥଯାତ୍ରା ପାଇଁ ପୁରୀକୁ ଗଡ଼ିଲା ସ୍ୱତନ୍ତ୍ର ଟ୍ରେନ୍

### କଟକ ଷ୍ଟେଶନରୁ ଶୁଭାରମ୍ଭ

କଟକ, ୬।୭(ଶିଳ୍ପା ପ୍ରିୟଦର୍ଶିନୀ)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଶନିବାର କଟକ ରେଳଷ୍ଟେଶନଠାରେ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ୩୧୫ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି। ଶନିବାର ସକାଳ ୯ଟାରେ କଟକ ଦେଇ ପ୍ରଥମ ସ୍ୱତନ୍ତ୍ର ଟ୍ରେନ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏହାକୁ ଉଦ୍‌ଘାଟନକରି କହିଛନ୍ତି, ଗତବର୍ଷ ଅଧିକ ଟ୍ରାକ୍‌ର ସୁବିଧା ନ ଥିବାରୁ ପୁରୀକୁ ଅଧିକ ଟ୍ରେନ୍ ଗଡିପାରି ନ ଥିଲା। ଚଳିତବର୍ଷ ଟ୍ରାକ୍ ସଂଖ୍ୟା ବଢାଇ ଦିଆଯାଇଛି। ଫଳରେ ରଥଯାତ୍ରା ପାଇଁ ପୁରୀକୁ ଏତେ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ୍ ଗଡିପାରିବ। ଏହାଦ୍ୱାରା ବିଭିନ୍ନ ରାଜ୍ୟରୁ ଭକ୍ତମାନେ ସୁରୁଖୁରୁରେ ପୁରୀକୁ ଯାତ୍ରା କରିପାରିବେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ପ୍ରକାଶ ଦାସ, ଇଷ୍ଟକୋଷ୍ଟ ରେଲୱେର ଷ୍ଟେଶନ ମାଷ୍ଟର ଓ ଅଧିକାରୀଙ୍କ ସମେତ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# 'ପଟଚିତ୍ରରେ ମହାପ୍ରଭୁ' ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର,୬।୭(ଶର୍ମିଷ୍ଠା ପାଣିଗ୍ରାହୀ)



ପଟ୍ଟଚିତ୍ରରେ ବିରାଜିଛନ୍ତି ମହାପ୍ରଭୁ। ମହାପ୍ରଭୁଙ୍କ ଭିନ୍ନ ଭିନ୍ନ ବେଶକୁ ପଟଚିତ୍ରରେ ବେଶ୍ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି ଶିଳ୍ପୀ। ଶନିବାର ରାଜ୍ୟ ସଂଗ୍ରହାଳୟରେ ରଥଯାତ୍ରା ଉପଲକ୍ଷେ ଆରମ୍ଭ ହୋଇଥିବା 'ପଟଚିତ୍ରରେ ମହାପ୍ରଭୁ' ପ୍ରଦର୍ଶନୀରେ ଏଭଳି ବହୁ ଚିତ୍ର ଓ କଳାକୃତି ଲୋକଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିଛି। ଶନିବାର ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, କବି ମିହିର ସାହୁ, ଚିତ୍ରଶିଳ୍ପୀ ରାମହରି ଜେନା, ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ଟେରାକୋଟାରେ ନିର୍ମିତ ରଥଚକାରେ ଶ୍ରୀଜଗନ୍ନାଥଙ୍କ ୩୨ଟି ବେଶ ପ୍ରଦର୍ଶିତ ହୋଇଛି। ଏଥିସହ ନନ୍ଦିଘୋଷ ରଥର ଦଉଡି ଶଙ୍ଖଚୂଡ଼ ସ୍ଥାନ ପାଇଛି। କିଛି ପଟ୍ଟଚିତ୍ର ପ୍ରାୟ ୨୦୦ ବର୍ଷ ତଳର। ବହୁ ବର୍ଷର ପୁରୁଣା କଳା ଧଳା ରଙ୍ଗର ପଟ୍ଟଚିତ୍ରରେ ମହାପ୍ରଭୁଙ୍କ ରଥଯାତ୍ରାର ଦୃଶ୍ୟ ସହ ରଥଯାତ୍ରାର ରଙ୍ଗିନ ପଟ୍ଟଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଛି। ଏହା ବ୍ୟତୀତ ସଂଗ୍ରହାଳୟରେ ଗଚ୍ଛିତ ଥିବା ମହାପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ ଆଲଟ, ଚାମର, ଛତ୍ରି ମଧ୍ୟ ପ୍ରଦର୍ଶିତ ହୋଇଛି। ଟେରାକୋଟା ରଥ ଭିତରେ ଜଗନ୍ନାଥଙ୍କ ରଥଯାତ୍ରା ଏବଂ ବିଭିନ୍ନ ବେଶ୍ ଚମତ୍କୃତ ହୋଇଛି।

## ବିନ୍ଦୁସାଗରରେ ବୁଡ଼ିଯାଉଥିବା ପର୍ଯ୍ୟଟକ ଉଦ୍ଧାର

ପୁରୁଣା ଭୁବନେଶ୍ୱର,୬।୭ (ସୁବାସ ଚନ୍ଦ୍ର ପ୍ରଧାନ)

ବିନ୍ଦୁସାଗରର ଅନନ୍ତ ବାସୁଦେବ ଘାଟରେ ଶନିବାର ଜଣେ ପର୍ଯ୍ୟଟକେ ବୁଡ଼ିଯାଉଥିବା ବେଳେ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରିଛନ୍ତି। ସୂଚନା ମୁତାବକ, ତାମିଲନାଡୁର ଏକ ବସ୍‌ରେ ପର୍ଯ୍ୟଟକମାନେ ଲିଙ୍ଗରାଜ ମନ୍ଦିରକୁ ବୁଲିବାକୁ ଆସିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଜଣେ ପର୍ଯ୍ୟଟକ ବିନ୍ଦୁସାଗର କୂଳରେ ବୁଲୁଥିବା ବେଳେ ପାହାଚରେ ତାଙ୍କର ଗୋଡ଼ ଖସିଯାଇଥିଲା। ଫଳରେ ସେ ବୁଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଉକ୍ତ ବସ୍‌ରେ ଆସିଥିବା ଅନ୍ୟ ପର୍ଯ୍ୟଟକଙ୍କୁ ଜିମା ଦିଆଯାଇଛି।

# ପରୋପକାରୀ ବ୍ୟକ୍ତି ସର୍ବଦା ସଫଳ ହୋଇଥାନ୍ତି: ରାଜ୍ୟପାଳ

### ରଥଯାତ୍ରା ପାଇଁ ପୁରୀରେ ସେବା ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୬।୭(ଅସମାପିକା ସାହୁ)




ସେଣ୍ଟ ଜନ୍ ଆମ୍ବୁଲାନ୍ସର ୩୪ତମ ଜାତୀୟ ସେବା ଶିବିରକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ରଘୁବର ଦାସ ଓ ଅନ୍ୟ ଅତିଥିମାନେ।

ଅନ୍ୟର ସେବା କରିବାରେ ଯେଉଁ ପୁଣ୍ୟ ମିଳେ, ତାହାର ବିକଳ୍ପ ନାହିଁ। ପରୋପକାର ପାଇଁ ସମର୍ପିତ ବ୍ୟକ୍ତି ସର୍ବଦା ସଫଳ ହୋଇଥାନ୍ତି। ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ପୁରୀରେ ସମବେତ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇଦେବା ସ୍ୱେଚ୍ଛାସେବୀଙ୍କ ପାଇଁ ମହାର୍ଘ ଅବସର ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର ରାଜ୍ୟ ସରକାର, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଭାରତୀୟ ରେଡ୍‌କ୍ରସ୍ ସଂସ୍ଥା ଏବଂ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ପୃଥକ୍ ଆୟୋଜିତ ସେବା ଶିବିରକୁ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ରାଜ୍ୟପାଳ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ପାଇଁ ଆନନ୍ଦ ମନରେ ପୁରୀ ଶ୍ରଦ୍ଧାଳୁଙ୍କ ସେବାରେ ଯେପରି ବିଳମ୍ବ ନ ହେବ, ସେଥିପାଇଁ ଜାଗ୍ରତ ରହିବା ଆବଶ୍ୟକ।

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଆୟୋଜିତ ସେଣ୍ଟ ଜନ୍ ଆମ୍ବୁଲାନ୍ସର ୩୪ତମ ଜାତୀୟ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ସେଣ୍ଟ ଜନ୍ ଆମ୍ବୁଲାନ୍ସର ଚେୟାରମ୍ୟାନ ଡ. ମୁକେଶ ମହାଲି ଓ ଡିଆଇଜି ଅଫ୍ ପୋଲିସ (ଫାୟାର୍ ଆଣ୍ଡ ଏସେନ୍ସିଆଲ ସର୍ଭିସ୍, ହୋମ୍‌ଗାର୍ଡସ) ରାଜେଶ ପଣ୍ଡିତ ଯୋଗଦେଇଥିଲେ। ସେଣ୍ଟ ଜନ୍ ଆମ୍ବୁଲାନ୍ସର ଅତିରିକ୍ତ କମିଶନର କାଳୀପ୍ରସାଦ ମିଶ୍ର ଓ ଅବୈତନିକ ସମ୍ପାଦକ ନିଧି କୁମାର ରାଉତରାୟ ଉପସ୍ଥିତଥିଲେ। ପରେ ମହାବିଦ୍ୟାଳୟଠାରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଆନୁକୂଲ୍ୟରେ ଆୟୋଜିତ ସାମାଜିକ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଯୁଥ୍ ରେଡ୍‌କ୍ରସ୍‌ର କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଡ. ମହାଲିଙ୍ଗ ଯୋଗଦେଇଥିଲେ। ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶାର ଅବୈତନିକ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜାତୀୟ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଷ୍ଟେଟ୍ ଚିଫ୍ କମିଶନର ଡ. କାଳୀପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଂଶୁମାନ



@ ପ୍ରଣତି



@ ତର୍ଗିସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖବରଦାତା ନିର୍ମଳ ପଣ୍ଡାଙ୍କ ପରଲୋକ

ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୬।୭ (ଯଯାତି ସିଂହ/ଅଶୋକ କୁମାର ମହାପାତ୍ର )



ବରିଷ୍ଠ ଖବରଦାତା ନିର୍ମଳ ପଣ୍ଡା(୪୯)ଙ୍କ ଶନିବାର ପରଲୋକ ଘଟିଛି। ତାଙ୍କ ଘର ମାହାଙ୍ଗା ବ୍ଲକ ଅନ୍ତର୍ଗତ ଉଷୁମା ଗ୍ରାମରେ। ସେ ମଧ୍ୟାହ୍ନରେ ବଜାରରୁ ଫେରି ଘରେ ଶୋଇଥିଲେ। ଦେହରୁ ପ୍ରବଳ ଝାଳ ବାହାରିବାରୁ ପରିବାର ଲୋକେ ତାଙ୍କୁ ଓଦା କପଡ଼ାରେ ପୋଛାପୋଛି କରିଥିଲେ। ଏହାପରେ ସେ ଶୋଇପଡ଼ିଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ସେ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। ହେଲେ ସେ କିଛି ନ ଶୁଣିବାରୁ ତୁରନ୍ତ ନିର୍ମଳଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହୃଦ୍‌ଘାତ ଯୋଗୁ ନିର୍ମଳଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି। ନିର୍ମଳ ଜଣେ ଦକ୍ଷ, ନିର୍ଭୀକ ଏବଂ ପରୋପକାରୀ ଖବରଦାତା ଭାବେ ସାରା ରାଜ୍ୟରେ ସୁପରିଚିତ ଥିଲେ। ମାହାଙ୍ଗାରେ 'ଧରିତ୍ରୀ' ଖବରଦାତା ଭାବେ କର୍ମମୟ ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ବାଲେଶ୍ୱର, ଝାରସୁଗୁଡ଼ା ଏବଂ କଟକ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଅନ୍ୟ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବହୁ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଧାୟକ ସାରଦା ପ୍ରସାଦ ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଭାଜପା ନେତା ସୁମନ୍ତ ଘଡେଇ, କଂଗ୍ରେସ ନେତା ଦେବେନ୍ଦ୍ର ସାହୁ,ଡ. ବିଜୟାନନ୍ଦ ସିଂହ, ସେକ୍ ମସୁଦ ଅଲ୍ଲି, ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ବ୍ଲକ୍ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶେଷ ଦର୍ଶନ କରିଛନ୍ତି।

## ଚାଣକ୍ୟ ହସ୍ପିଟାଲ ସିଲ୍

କଟକ,୬।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ରାଣୀହାଟ ଅଞ୍ଚଳରେ ଥିବା ଚାଣକ୍ୟ ହସ୍ପିଟାଲକୁ ଶନିବାର ସିଲ୍ କରାଯାଇଛି। ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ହସ୍ପିଟାଲରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ହସ୍ପିଟାଲର ରେଜିଷ୍ଟ୍ରେଶନ ଅବଧି ୨୦୧୫ରୁ ଶେଷ ହୋଇଥିବାବେଳେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନ ଥିବା ଜଣାପଡିବା ପରେ ତାହାକୁ ସିଲ୍ କରାଯାଇଥିବା କଟକ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଚିନ୍ତାମଣି ମିଶ୍ର କହିଛନ୍ତି। ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ କହିଛନ୍ତି, ବିନା ରେଜିଷ୍ଟ୍ରେଶନ ଓ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍‌ରେ ସହରରେ ଅନେକ ହସ୍ପିଟାଲରେ ରୋଗୀ ଚିକିତ୍ସା କରାଯାଉଛି। ଏହାକୁ ଚିହ୍ନଟ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଜଣାପଡିବା ପରେ ତୁରନ୍ତ ଚଢ଼ାଉ କରାଯିବ।

# ଅପରାହ୍ନ ୨ଟାରେ ପହଣ୍ଡି, ୪ରେ ରଥଟଣା

## ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ରଥଯାତ୍ରା

ଖୋର୍ଦ୍ଧା, ୬।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ) ଦେବଙ୍କ ରଥଯାତ୍ରା ନେଇ ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୋଟିଏ ରଥରେ ଚତୁର୍ଦ୍ଧାବିଗ୍ରହ ବିଜେ କରି ଗୁଣ୍ଡିଚା ଯାତ୍ରା କରିବେ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ହୋଇ ରହିଛି ରଥ। ଏନେଇ ଚଳଚଞ୍ଚଳ ହୋଇ ଉଠିଛି ଜାଗୁଳିପାଟଣା। ରଥଯାତ୍ରା ଲାଗି ମନ୍ଦିର କମିଟି ପକ୍ଷରୁ ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ଭୋର ୪ଟାରେ ଦ୍ୱାରଫିଟା, ୫ଟାରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇ ସକାଳ ୯ଟାରେ ରଥ ପ୍ରତିଷ୍ଠା କରାଯିବ। ଅପରାହ୍ନ ୧ଟାରେ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ବିଜେ ପ୍ରତିମାଙ୍କଠାରୁ ଆଜ୍ଞାମାଳ ରଥରେ ବିଜେ ପରେ ୨ଟା ପହଣ୍ଡି ଆରମ୍ଭ ହେବ। ଧାଡି ପହଣ୍ଡିରେ ଆସି ଠାକୁରମାନେ ରଥାରୂଢ଼ ହେବେ। ଅପରାହ୍ନ ୩ଟାରେ ଚିତା ଲାଗି, ଛେରାପହଁରା, ସାଢେ ୩ଟାରେ ଚାରମାଳ ଫିଟାଯାଇ ଘୋଡା ଲାଗି କରାଯିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ରଥଯାତ୍ରାରେ ରଥାରୂଢ ଠାକୁରଙ୍କ ଦର୍ଶନ ଏବଂ ରଥ ଟାଣିବା ଲାଗି ପ୍ରବଳ ଜନସମାଗମ ହେବ। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଜାଗୁଳିପାଟଣା ରଥଯାତ୍ରା ଆୟୋଜନ ନେଇ ମନ୍ଦିର କମିଟି ସହ ଆଲୋଚନା କରାଯାଇଛି। ଶୃଙ୍ଖଳିତ ରଥଯାତ୍ରା ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ସମାଗମ ଦୃଷ୍ଟିରୁ ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି।

ଜାଗୁଳିପାଟଣାର ବରିଷ୍ଠ ବୁଦ୍ଧିଜୀବୀ ବୈକୁଣ୍ଠନାଥ ମହାପାତ୍ର କହିଛନ୍ତି, ୧୯୮୦ ମସିହାରୁ ଏଠାରେ ରଥଯାତ୍ରା ହୋଇଆସୁଛି। ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ କରାଯାଏ। ଅର୍ଜୁନ କୁହନ୍ତି, ରଥର ଉଚ୍ଚତା ୪୦ଫୁଟ ଏବଂ ଚଉଡା ୨୨ଫୁଟ ରହିଛି। ୪ଟି ଚକ, ୨ଟି ଘୋଡା ଯୋଚାଯାଇଥାଏ। ଚକର ଉଚ୍ଚତା ୬ ଫୁଟ ଏବଂ ମୋଟେଇ ୮ଇଞ୍ଚ ଏବଂ ତୁମ୍ବ ୧୬ ଇଞ୍ଚ ରହିଛି। ସେହିପରି ଦଧିମାଛଗାଡିଆସ୍ଥିତ ଦାରୁକ୍ଷେତ୍ରରେ ରଥଯାତ୍ରା ଆୟୋଜନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅପରାହ୍ନ ୩ଟା ସୁଦ୍ଧା ଏଠାରେ ରଥଟଣା କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିଭଳି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧା ସ୍ଥିତ ଶ୍ରୀଜଗନ୍ନାଥଙ୍କ ଚଳିତବର୍ଷ ପ୍ରଥମଥର ଲାଗି ରଥଯାତ୍ରା ଆୟୋଜନ କରାଯାଇଛି। ଚଳିତବର୍ଷ ଏହାକୁ ଆଡ଼ମ୍ବରରେ ପାଳନ କରାଯିବ ବୋଲି ମନ୍ଦିର କମିଟି ସଦସ୍ୟ ଅଜିତ ପଟ୍ଟନାୟକ କହିଛନ୍ତି।

## ମହାପ୍ରଭୁଙ୍କ ସେବାରେ ପ୍ରଶାନ୍ତ

ଖୋର୍ଦ୍ଧା ଉପକଣ୍ଠ ପାନବରଜ ଗ୍ରାମର ପ୍ରଶାନ୍ତ ପଟ୍ଟନାୟକ ଗତ କିଛି ବର୍ଷ ହେବ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷଯାତ୍ରାରେ ତୁଳସୀ ଏବଂ ପଦ୍ମଫୁଲ ଯୋଗାଇ ଆସୁଛନ୍ତି। ସେହିପରି ଗତ ୮ବର୍ଷ ହେବ ଜାଗୁଳାଇ ପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ)ଙ୍କ ରଥଯାତ୍ରାରେ ଦୁଇଟି ଟାହିଆ ଯୋଗାଇଥାନ୍ତି। ପ୍ରଶାନ୍ତ କହିଛନ୍ତି, କିଛି ବର୍ଷ ତଳେ ଜାଗୁଳାଇ ପାଟଣା ରଥଯାତ୍ରାରେ ସପରିବାର ସାମିଲ ହୋଇଥିଲେ। ସେହି ସମୟରେ ଠାକୁରଙ୍କ ପହଣ୍ଡି ବିଜେ ଚାଲିଥାଏ। ଠାକୁରଙ୍କ ମଥାରେ ଟାହିଆ ନ ଥିଲା। ଏନେଇ ସେ ମନ୍ଦିର କମିଟି ସହ ଆଲୋଚନା କରିଥିଲେ। କମିଟି ସହ ଆଲୋଚନା କରି ଟାହିଆ ଯୋଗାଇବା ଲାଗି ମନସ୍ଥ କରିଥିଲେ। ଟାହିଆ ପ୍ରସ୍ତୁତି ଲାଗି ପୁରୀକୁ ଯାଇ ଏହା ପ୍ରସ୍ତୁତି ସମ୍ପର୍କରେ ଜ୍ଞାନ ଆରୋହଣ କରିଥିଲି। ସେଠାରୁ ଟାହିଆ ପ୍ରସ୍ତୁତ କରି ଆଣିବା ସମ୍ଭବପର ନ ଥିଲା। ପ୍ରଥମ ବର୍ଷ ପୁରୀରୁ ପ୍ରସ୍ତୁତ କରି ଆଣିଥିଲି। ତା' ପରବର୍ଷଠାରୁ



ନିଜେ ପ୍ରସ୍ତୁତ କରିବାକୁ ସ୍ଥିର କରି ଆରମ୍ଭ କରିଥିଲେ। ଦେବସ୍ନାନ ପୂର୍ଣ୍ଣିମାରେ ଟାହିଆ କାର୍ଯ୍ୟ ଆରମ୍ଭ କରେ। ବାଉଁଶ ପାତିଆ, ସୋଲ ସାହାଯ୍ୟରେ ଏହି ଟାହିଆ ପ୍ରସ୍ତୁତ କରିଥାନ୍ତି ବୋଲି କହିଛନ୍ତି। ଟାହିଆ ପ୍ରସ୍ତୁତିରେ ତାଙ୍କ ସ୍ତ୍ରୀ ମଞ୍ଜୁଲତା ଏବଂ ପୁଅ ଦେବାଶିଷ ସହଯୋଗ କରୁଛନ୍ତି। ସେହିପରି ରଥଯାତ୍ରାରେ ଶ୍ରୀକ୍ଷେତ୍ରକୁ ଯାଇଥିଲେ। ରଥଯାତ୍ରାରେ ତୁଳସୀ ଏବଂ ପଦ୍ମଫୁଲ ଯୋଗାଇବେ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସେଠାରୁ ଫେରିବା ପରେ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇଥିଲେ। ତା'ପରବର୍ଷ ଠାରୁ ସେ ତୁଳସୀ ଏବଂ ପଦ୍ମ ଫୁଲ ଯୋଗାଇବା ଲାଗି ମନସ୍ଥ କରିଥିଲେ। ପାନବରଜ ଅଞ୍ଚଳରୁ ସେ ତୁଳସୀ ସଂଗ୍ରହ କରିଥିଲେ। ଶ୍ରୀଲୋକେଶ୍ୱର ଦେବଙ୍କ ନିକଟ ପୋଖରୀରୁ ଲୋକଙ୍କ ସାହାଯ୍ୟରେ ପଦ୍ମଫୁଲ ସଂଗ୍ରହ କରନ୍ତି। ୩ ବୋଝ ତୁଳସୀ ଏବଂ ୨ବୋଝ ପଦ୍ମଫୁଲ ଯୋଗାଇଥାନ୍ତି ବୋଲି ସେ କହିଛନ୍ତି।

## ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ

ଜଟଣୀ,୬।୭(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମିଲ୍ ପୋଖରୀଠାରେ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠାନର ସଭାପତି ଅବନୀ ରାଉତରାୟଙ୍କ ତତ୍ତ୍ୱାବଧାନରେ ଗୋପବନ୍ଧୁଙ୍କ ଆତ୍ମାର ଶାନ୍ତି ପାଇଁ ତିଳତର୍ପଣ କାର୍ଯ୍ୟକ୍ରମ ସହିତ ଗୋପବନ୍ଧୁ ଉଦ୍ୟାନ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟଙ୍କ ସମେତ ଜଟଣୀ ନଗରପାଳ ଅନନ୍ତ ବେହେରା ଯୋଗ ଦେଇଥିଲେ। ସେହିପରି ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠାନର ସଭାପତି ଭକ୍ତବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସତ୍ୟବାଦୀ ସାହୁ, ଅରୁଣ ମହାନ୍ତି, ପ୍ରହ୍ଲାଦ ସାହୁ, ଶରତ ଚନ୍ଦ୍ର ଦାଶ, ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ସଂଘ କାର୍ଯ୍ୟାଳୟ ପରିସରରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଗୋପବନ୍ଧୁଙ୍କ ନୀତି ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେଲେ ସମାଜର ମଙ୍ଗଳ ହେବ ବୋଲି ମତପ୍ରକାଶ ପାଇଥିଲା।

## ଶୋଭାଯାତ୍ରାରେ ପରିବେଶ ସୁରକ୍ଷା ବାର୍ତ୍ତା



ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ)

ବନ ମହୋତ୍ସବ ସପ୍ତାହ ଅବସରରେ ଶନିବାର ସ୍ଥାନୀୟ ସିଗ୍‌ମା ପବ୍ଲିକ ସ୍କୁଲ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇ ଏକ ସଚେତନତା ଶୋଭାଯାତ୍ରାରେ ବିଭିନ୍ନ କଲୋନୀ ପରିଭ୍ରମଣ କରିଥିଲେ। ଘରକୁ ଘର ବୁଲି ଲୋକଙ୍କୁ ଚାରା ବଣ୍ଟନ ସହ ବୃକ୍ଷର ସୁରକ୍ଷା ପାଇଁ ସଚେତନ କରିଥିଲେ। ଅନୁଷ୍ଠାନରେ ପୋଷ୍ଟର ମେକିଂ ପ୍ରତିଯୋଗିତା ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷା, ବୃକ୍ଷ ରକ୍ଷା, ଚାରା ରୋପଣ ଏବଂ ଲାଳନ ପାଳନ, ଗଛ ନ କାଟିବା ଭଳି ଚିତ୍ର କରି ସଚେତନତା କରିଥିଲେ। 'ବୃକ୍ଷ ରକ୍ଷା, ଜୀବନ ରକ୍ଷା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଗୋଇନ୍ଦା ବିଭାଗ ଅଧିକାରୀ ମନୋଜ ଦାସ, ଶିକ୍ଷାବିତ୍ ଅମ୍ରିତା ପ୍ରିୟଦର୍ଶିନୀ ପଣ୍ଡା ଅତିଥି ଏବଂ ବିଚାରପତି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଥାନରେ ଔଷଧୀୟ ଚାରାରୋପଣ କରିବା ସହ ବଣ୍ଟନ କରିଥିଲେ। ପରିବେଶପ୍ରେମୀ ଖବରଦାତା ପ୍ରଭାତ ପାଣିଗ୍ରାହୀଙ୍କୁ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧକ୍ଷା ପଟ୍ଟନାୟକ ଗଛଟିଏ ଉପହାର ଦେଇ ସମ୍ମାନିତ କରିଥିଲେ। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ, ସନ୍ଧ୍ୟାରାଣୀ ବିଶ୍ୱାଳ, ସୌମ୍ୟ ଲଗ୍ନା ମହାନ୍ତି, ଶିକ୍ଷକ ତୁଷାର ରଞ୍ଜନ ମହାନ୍ତି, ଦୀପ୍ତି ରଞ୍ଜନ ରଣା, ବସନ୍ତ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

## ଆମ ପୋଲିସ କାର୍ଯ୍ୟକ୍ରମ

ବୋଲଗଡ଼,୬।୭(ଦେବବ୍ରତ ହୋତା)

ବୋଲଗଡ଼ ବରିଷ୍ଠ ନାଗରିକ ମଞ୍ଚ ଓ ଥାନା ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଶନିବାର ଆମ ପୋଲିସ କାର୍ଯ୍ୟକ୍ରମ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗୋପୀନାଥ ଖାଡ଼ଙ୍ଗା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ, ମୁଖ୍ୟ ବକ୍ତା ସବ୍‌ଇନ୍ସପେକ୍ଟର ଲିଲି ପାଢ଼ୀ ଓ ସମ୍ମାନିତ ଅତିଥି ସହକାରୀ ସବ୍‌ଇନ୍ସପେକ୍ଟର ପ୍ରମୋଦ ନାୟକ ଯୋଗଦେଇଥିଲେ। ସଭାପତି ଗୋପୀନାଥ ଖାଡ଼ଙ୍ଗା ସ୍ୱାଗତ ଭାଷଣ ଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ସୂଚନା ଦେଇଥିଲେ। ସମ୍ପାଦକ ରଘୁନାଥ ଦଳବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ଦିବାକର ପରମଗୁରୁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ବୋଲଗଡ଼ ବ୍ଲକ ଅଞ୍ଚଳର ୧୮୧ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବା ବେଳେ ଏବେ ୬୦ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା, ରେଳ ଓ ବସ୍‌ରେ ଯାତାୟାତ ସୁବିଧା, ବ୍ୟାଙ୍କ ଆଦି ବିଭିନ୍ନ ସ୍ଥାନରେ ଅଗ୍ରାଧିକାର ଦେବା ପାଇଁ ସଭାପତିଗୋପୀନାଥ ଖାଡ଼ଙ୍ଗା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଶେଷରେ ସମ୍ପାଦକ ରଘୁନାଥ ଦଳବେହେରା ଧନ୍ୟବାଦ ଦେଇଥିଲେ।

## ଅଦରକାରୀ ସାମଗ୍ରୀରେ ୫ଇଞ୍ଚର ନନ୍ଦିଘୋଷ ରଥ



ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ପଲଟଣ ପଡ଼ିଆର ଶୁଭ୍ରାଂଶୁ ରଞ୍ଜନ ସାହୁ। ଦ୍ୱାଦଶ ଶ୍ରେଣୀରେ ପଢୁଛନ୍ତି। ଅଦରକାରୀ ସାମଗ୍ରୀରେ ଗଢ଼ିଛନ୍ତି ୫ଇଞ୍ଚର ନନ୍ଦିଘୋଷ ରଥ। ରଥରେ ମହାପ୍ରଭୁ ବିଜେ କରିଛନ୍ତି। ଏଥିଲାଗି ତାଙ୍କୁ ଏକ ମାସ ସମୟ ଲାଗିଛି। ଏହି ରଥ ଦେଖିବା ଲାଗି ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଛି। ମହାପ୍ରଭୁଙ୍କ ପ୍ରତି ରହିଥିବା ଭକ୍ତି ଓ ସମର୍ପଣ ଯୋଗୁ ଶୁଭ୍ରାଂଶୁଙ୍କୁ ଏହି ସଫଳତା ମିଳିଛି ବୋଲି ବାପା ଦୀପ୍ତିରଞ୍ଜନ କହିଛନ୍ତି। ସେହିପରି ଜେଜେମା' ସତ୍ୟଭାମା କହିଛନ୍ତି, ପିଲାଦିନୁ ଶୁଭ୍ରାଂଶୁଙ୍କ ଶ୍ରୀଜଗନ୍ନାଥଙ୍କ ପ୍ରତି ଅଗାଢ଼ ଭକ୍ତି ରହିଛି। ମହାପ୍ରଭୁଙ୍କ ଚିତ୍ର ଆଙ୍କିବାକୁ ସେ ଭଲପାଏ। ଗତବର୍ଷ ଗଢିଥିବା ରଥ ପ୍ରତିଷ୍ଠା କରାଯାଇଥିଲା। ଶତାଧିକ ଲୋକେ ରଥକୁ ଟାଣି ଆନନ୍ଦ ଅନୁଭବ କରିଥିଲେ। ଶୁଭ୍ରାଂଶୁ କହିଛନ୍ତି, ରଥଯାତ୍ରାରେ ପରିବାର ସହ ଶ୍ରୀକ୍ଷେତ୍ରକୁ ଯାଇଥାଏ। ରଥାରୂଢ଼ ଠାକୁର, ଆଡ଼ପ ଦର୍ଶନରେ ଅପୂର୍ବ ଆନନ୍ଦ ମିଳେ। ସବୁ ସମୟରେ ମହାପ୍ରଭୁଙ୍କ କରୁଣା, ଆଶୀର୍ବାଦକୁ ଅନୁଭବ କରେ। ପ୍ରକାଶ ଯେ, ଗତବର୍ଷ ସେ ଅଦରକାରୀ କାର୍ଡୁନ, ଖବରକାଗଜ, ପ୍ରାକୃତିକ ରଙ୍ଗ, ରଙ୍ଗିନ ପେପର, ଆଇସକ୍ରିମ କାଠିକୁ ବ୍ୟବହାର କରି ୨.୫ ଫୁଟର ରଥ ପ୍ରସ୍ତୁତ କରିଥିଲେ।

## ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ବିକ୍ଷୋଭ

### ହଳଦିଆ କଲେଜ ଅଧକ୍ଷଙ୍କୁ ଆକ୍ରମଣ ଘଟଣା

ଖୋର୍ଦ୍ଧା,୬।୭(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ହଳଦିଆ ମହାବିଦ୍ୟାଳୟ ଅଧକ୍ଷ ଉମାକାନ୍ତ ପାତ୍ରଙ୍କୁ ଆକ୍ରମଣ ଘଟଣାରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଧାରଣା ଦେଇଥିଲେ। ଖବରପାଇ ଶିଳ୍ପାଞ୍ଚଳ ଏବଂ ଟାଉନ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ହେଁ ପିଲାମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଆକ୍ରମଣ ଘଟଣାକୁ ୭୨ ଘଣ୍ଟା ବିତିଥିବା ବେଳେ ପୋଲିସ ମାମଲା ରୁଜୁ କରି ନୀରବ ରହିଛି। ଆକ୍ରମଣ ଘଟଣାର ସିସିଟିଭି ଫୁଟେଜ ଥିବା ସତ୍ତ୍ୱେ ପୋଲିସର ନୀରବତାକୁ ନେଇ ପ୍ରଶବାଚୀ ସୃଷ୍ଟି ହୋଇଛି। ପୋଲିସର ପ୍ରତିଶ୍ରୁତି ପରେ ଛାତ୍ରୀଛାତ୍ରଙ୍କ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସେହିପରି ପରବର୍ତ୍ତୀ ସମୟରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବାସଭବନ ଆଗରେ ଛାତ୍ରୀଛାତ୍ରମାନେ ହୋହଲ୍ଲା କରିଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ସହ ପରିଚାଳନା କମିଟି ସଭାପତିଙ୍କୁ ବହିଷ୍କାର କରି ନୂତନ କମିଟି ଗଠନ ଏବଂ ଉମାକାନ୍ତ ପାତ୍ରଙ୍କୁ ଅନ୍ୟତ୍ର ବଦଳି ଆଦେଶକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି।

ସୂଚନାଥାଉ କି, ଗତ ୩ ତାରିଖରେ ପରିଚାଳନା କମିଟି ସଭାପତି, ଇତିହାସ ଅଧ୍ୟାପକ ଏବଂ ୪ଜଣ ଯୁବକ ଅଧକ୍ଷଙ୍କ ଚାମ୍ବରରେ ପଶି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା ରୁଜୁ କରି ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରୁଛି। ଏହା ପରଦିନ ଛାତ୍ରୀଛାତ୍ରମାନେ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ହଳଦିଆ ମୁଖ୍ୟ ରାସ୍ତାରେ ଧାରଣା ଦେଇଥିଲେ। ପରେ ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ସେପଟେ କଲେଜରେ କାର୍ଯ୍ୟରତ ଶିକ୍ଷକ, ଅଣ ଶିକ୍ଷକ ଏବଂ କର୍ମଚାରୀ ଏହି ଘଟଣାକୁ ନିନ୍ଦା କରିଛନ୍ତି। କଲେଜରେ କ୍ରମାଗତ ବିଶୃଙ୍ଖଳା ସୃଷ୍ଟି କରୁଥିବା ସମ୍ପୃକ୍ତ ଇତିହାସ ଅଧ୍ୟାପକଙ୍କ ଅନ୍ୟତ୍ର ସ୍ଥାନାନ୍ତର ଏବଂ ପରିଚାଳନା କମିଟି ସଭାପତି ପରିବର୍ତ୍ତନ ଏବଂ ଆକ୍ରମଣକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ସେପଟେ ପରିଚାଳନା କମିଟି ୬ଜଣ ସଦସ୍ୟ ସଭାପତିଙ୍କ ମନମୁଖି କାର୍ଯ୍ୟ, ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ, ସଦସ୍ୟଙ୍କ ଅଗୋଚରରେ କଲେଜରେ ବର୍ତ୍ତମାନ କାର୍ଯ୍ୟରତ ଅଧକ୍ଷଙ୍କ ବଦଳି ଆଦେଶକୁ ବିରୋଧ କରି ସଭାପତିଙ୍କୁ ପରିବର୍ତ୍ତନ ଲାଗି ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଂଶୁମାନ



@ ପ୍ରଣତି



@ ତର୍ଗିସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗଞ୍ଜେଇ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍ ଜବତ

କଳାପଥର,୬।୭(ଗଙ୍ଗାଧର ସାହୁ)



ଧଳାପଥର ଫାଣ୍ଡି ଅନ୍ତର୍ଗତ ଏକ ଇଟାଫ୍ୟାକ୍ଟ୍ରି ନିକଟ ରାସ୍ତାରୁ ଶନିବାର ଭୁବନେଶ୍ୱର ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ ସ୍ଥାନୀୟ ପୋଲିସ ସହାୟତାରେ ଗଞ୍ଜେଇ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ(ଓଡି୦୨ସିୟୁ ୫୭୭୫) ଜବତ କରିଛି। ତେବେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଖସି ପଳାଇଛନ୍ତି। ଏହି ଗାଡ଼ିଟି କେଉଁଠାରୁ କେଉଁଠାକୁ ଯାଉଥିଲା ସେନେଇ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ପ୍ରକାଶ ଯେ, ଏହି ଅଞ୍ଚଳରେ ଗଞ୍ଜେଇ କାରବାର ଦିନକୁ ଦିନ ବଢ଼ିଚାଲିଛି। କମ୍ ସମୟରେ ଅଧିକ ଅର୍ଥ ରୋଜଗାର ଆଶାରେ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଖବରଦାତା ନିର୍ମଳ ପଣ୍ଡାଙ୍କ ପରଲୋକ

ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୬।୭
(ଯଯାତି ସିଂହ/ଅଶୋକ କୁମାର ମହାପାତ୍ର)



ବରିଷ୍ଠ ଖବରଦାତା ନିର୍ମଳ ପଣ୍ଡାଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୪୯ ବର୍ଷ ହୋଇଥିଲା। ତାଙ୍କ ଘର ମାହାଙ୍ଗା ବ୍ଲକ ଅନ୍ତର୍ଗତ ଉଖୁମା ଗ୍ରାମରେ। ସେ ମଧ୍ୟାହ୍ନରେ ବଜାରରୁ ଫେରି ଘରେ ଶୋଇଥିଲେ। ଦେହରୁ ପ୍ରବଳ ଝାଳ ବାହାରିବାରୁ ପରିବାର ଲୋକେ ତାଙ୍କୁ ଓଦା କପଡ଼ାରେ ପୋଛାପୋଛି କରିଥିଲେ। ଏହାପରେ ସେ ଶୋଇପଡ଼ିଥିଲେ। ଅପରାହ୍ନ ୪ଟାରେ ପରିବାର ଲୋକେ ତାଙ୍କୁ ଡାକିଥିଲେ ମଧ୍ୟ ସେ ଉଠି ନ ଥିଲେ। ଏହାପରେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି। ସେ ଜଣେ ଦକ୍ଷ, ନିର୍ଭୀକ ଏବଂ ପରୋପକାରୀ ଖବରଦାତା ଭାବେ ସାରା ରାଜ୍ୟରେ ପରିଚିତ ଥିଲେ। ମାହାଙ୍ଗାରେ ଧରିତ୍ରୀ ଖବରଦାତା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ଅନ୍ୟାନ୍ୟ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି।

# ଆଜି ବଡ଼ଦାଣ୍ଡରେ ବିଜେ ହେବେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ ୬।୭(ଅଜିତ୍ କୁମାର ମହାନ୍ତି)

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ରବିବାର ପବିତ୍ର ଘୋଷଯାତ୍ରା। ଏଥିପାଇଁ ରଥ, ପଥ, ଭକ୍ତ ଏବଂ ସେବାୟତ ସମସ୍ତେ ପ୍ରସ୍ତୁତ। କେବଳ ମହାପ୍ରଭୁଙ୍କୁ ଅପେକ୍ଷା। ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ଭକ୍ତଙ୍କୁ ଦର୍ଶନ ଦେବା ନିମନ୍ତେ ପୁରୀ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ମହାବାହୁ। ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ ଯାତ୍ରା କରିବେ ଚତୁର୍ଦ୍ଧା ବିଗ୍ରହ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ରଥାରୂଢ଼ ଦାରୁଦିଅଁଙ୍କ ଦର୍ଶନ କରି କୃତାର୍ଥ ହେବେ ଭକ୍ତ। ଏହି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ସାମିଲ ହେବା ନିମନ୍ତେ ଭକ୍ତଙ୍କ ସୁଅ ଛୁଟିଛି। ୧୯୭୧ ମସିହା ପରେ ଅର୍ଥାତ୍ ଦୀର୍ଘ ୫୩ବର୍ଷ ପରେ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଏବଂ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି, ଯାହାକୁ ନେଇ ସମସ୍ତଙ୍କ ମନରେ ଉତ୍ସାହ ଓ ଉଲ୍ଲାସ ଭରି ରହିଛି । ଏହି କ୍ରମରେ ପରମ୍ପରା ଅନୁଯାୟୀ, ଶନିବାର ପ୍ରତିପଦା ତିଥିରେ ରଥଖଳାରୁ ତିନିରଥ ଟଣାହୋଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଆସିଛି। ସିଂହଦ୍ୱାର ସମ୍ମୁଖରେ ରଥ ପହଞ୍ଚିବା ପରେ ୩ରଥକୁ ବିଭିନ୍ନ ଫୁଲରେ ସୁସଜ୍ଜିତ କରାଯାଇଥିଲା।


ନନ୍ଦିଘୋଷ ରଥକୁ ସିଂହଦ୍ୱାର ସମ୍ମୁଖକୁ ନିଆଯାଉଛି।

ତିନିରଥରେ ଭୋଇ ସେବକମାନେ ଚାରମାଳ ବାନ୍ଧିବା ପରେ ସାରଥିମାନଙ୍କୁ ଉଠାଯାଇଥିଲା। ଅପରପକ୍ଷରେ ଶ୍ରୀମନ୍ଦିରରେ ବିଭିନ୍ନ ନୀତି ସମ୍ପନ୍ନ ହୋଇ ରାତିରେ ଚକା ଅପସର ନୀତି ଅନୁଷ୍ଠିତ ହୋଇଥିଲା। ପରେ ଦଇତାପତିଙ୍କ ପକ୍ଷରୁ ବାହୁଟ କଣ୍ଠ ନୀତି କରାଯା କୁସୁମ ଲାଗି କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ଶନିବାର ରାତିରୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ଶ୍ରୀଗୁଣ୍ଡିଚା ଯାତ୍ରାର ନୀତି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ରାତି ୨ ଟାରେ ମଙ୍ଗଳ ଆଳତି, ରାତି ୨ଟା ୧୦ରେ ମଇଲମ, ଅବକାଶ ୨ ଟା ୩୦, ଦଶ ଅବତାର ଠାକୁର ବାହୁଡ଼ା ବିଜେ ୨ ଟା ୪୦ , ତାଟି ଫିଟିବା ୩ ଟା , ଧୁଆଧୁଇ ହୋଇ ଚୂନପାଣି ପଡ଼ିବା ୩ ଟା ୩୦, ଦଇତାପତି ସର୍ବାଙ୍ଗ ଓ ବନ୍ଦାପନା ଭୋର ୩ ଟା ୪୫ , ନେତ୍ରୋତ୍ସବ ବନ୍ଦାପନା ୪ ଟା, ରୋଷହୋମ ୪ଟା , ରାଜନୀତି ୪ ଟା ୧୫ , ଯାତ୍ରାଙ୍ଗୀ ମହାସ୍ନାନ ୪ ଟା ୪୫ , ମଇଲମ ୪ ଟା ୫୦, ଘଣ୍ଟଛତା ସର୍ବାଙ୍ଗ ୫ ଟା ୧୦, ସୂର୍ଯ୍ୟପୂଜା ୫ଟା ୧୦ରେ ଦ୍ୱାରପାଳ ପୂଜା ୫ଟା ୨୫, ବେଶ ଶେଷ ହେବ ୫ ଟା ୪୫ରେ। ଗୋପାଳ ବଲ୍ଲଭ ଓ ସକାଳ ଧୂପ ୬ ଟାରୁ ୭ ଟା, ସେନାପଟା ଲାଗି ୭ ଟା ୩୦ରୁ ୧୨ ଟା ୩୦ ରଥ ପ୍ରତିଷ୍ଠା ୧୧ ଟା, ମଙ୍ଗଳାର୍ପଣ ଦିନ ୧ଟା ପରେ ଡୋରଲାଗି ହୋଇ ୧ ଟା ୧୦ରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ୨ଟା ୩୦ରେ ପହଣ୍ଡି ସରି ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରୀମଦନ ମୋହନ, ଶ୍ରୀରାମକୃଷ୍ଣ ରଥକୁ ବିଜେ ହେବେ। ୪ଟା ୩୦ରୁ ଚାରମାଳ ଫିଟା, ଘୋଡ଼ା ଲଗାଯିବ। ଅପରାହ୍ନ ୫ଟାରୁ ରଥଟଣା ଆରମ୍ଭ ହେବ। ରଥଟଣା ସରିବା ପରେ ରଥ ଉପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବ।

ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟ ଜାରି ରଖିଛି। ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ସିସିଟିଭି ନଜରରେ ସହର ରହିଥିବାବେଳେ ସହରରେ ଟ୍ରାଫିକ ମୋବିଲିଟି କାର୍ଯ୍ୟକାରୀ ହୋଇଛି। ୧୮୦ ପ୍ଲାଟୁନ୍ ଫୋର୍ସ ସମେତ ଓ ସାଦା ପୋଷାକଧାରୀ ପୋଲିସ, ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ ରହିବେ। ଅପରପକ୍ଷରେ ରାଷ୍ଟ୍ରପତିଙ୍କ ଗସ୍ତ ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଶନିବାର କାରକେଡ୍ ଅଭ୍ୟାସ ପୋଲିସ ପ୍ରଶାସନ ପକ୍ଷରୁ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଂଶୁମାନ


@ ପ୍ରଣତି


@ ତର୍ପିସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରୋପକାରୀ ବ୍ୟକ୍ତି ସର୍ବଦା ସଫଳ ହୋଇଥାନ୍ତି: ରାଜ୍ୟପାଳ



ଭୁବନେଶ୍ୱର, ୬।୭(ଅସମାପିକା ସାହୁ)

ଅନ୍ୟର ସେବା କରିବାରେ ଯେଉଁ ପୁଣ୍ୟ ମିଳେ, ତାହାର ବିକଳ୍ପ ନାହିଁ। ପରୋପକାର ପାଇଁ ସମର୍ପିତ ବ୍ୟକ୍ତି ସର୍ବଦା ସଫଳ ହୋଇଥାନ୍ତି। ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ ପୁରୀରେ ସମବେତ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇଦେବା ସ୍ୱେଚ୍ଛାସେବୀଙ୍କ ପାଇଁ ମହାର୍ଘ ଅବସର ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର ରାଜ୍ୟ ସରକାର, ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଭାରତୀୟ ରେଡ୍‌କ୍ରସ୍ ସଂସ୍ଥା ଏବଂ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ପୃଥକ୍ ଆୟୋଜିତ ସେବା ଶିବିରକୁ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ରାଜ୍ୟପାଳ କହିଛନ୍ତି, ଦେଶ ବିଦେଶରୁ ଶ୍ରଦ୍ଧାଳୁମାନେ ଆନନ୍ଦ ମନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ପାଇଁ ପୁରୀ ଆସିଥାନ୍ତି। ସମସ୍ତ ଭକ୍ତ ଯେପରି ସୁସ୍ଥ ରହିବେ ତାହା ଆମର ପ୍ରାଥମିକତା। କୌଣସି ପରିସ୍ଥିତିରେ ଯେପରି ସେମାନଙ୍କ ସେବାରେ ବିଳମ୍ବ ହେବ ନାହିଁ ସେଥିପାଇଁ ଜାଗ୍ରତ ରହିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଆୟୋଜିତ ସେଣ୍ଟ ଜନ୍ ଆମ୍ବୁଲାନ୍ସର ୩୪ତମ ଜାତୀୟ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ସେଣ୍ଟ ଜନ୍ ଆମ୍ବୁଲାନ୍ସର ଚେୟାରମ୍ୟାନ ଡ. ମୁକେଶ ମହାଲି ଓ ଡିଆଇଜି ଅଫ୍ ପୋଲିସ (ଫାୟାର୍ ଆଣ୍ଡ ଏସେନ୍ସିଆଲ ସର୍ଭିସ୍, ହୋମ୍‌ଗାର୍ଡସ) ରାଜେଶ ପଣ୍ଡିତ ଯୋଗଦେଇଥିଲେ। ସେଣ୍ଟ ଜନ୍ ଆମ୍ବୁଲାନ୍ସର ଅତିରିକ୍ତ କମିଶନର କାଳୀପ୍ରସାଦ ମିଶ୍ର ବିବରଣୀ ଉପସ୍ଥାପନ କରିଥିବାବେଳେ ଅବୈତନିକ ସମ୍ପାଦକ ନିଧି କୁମାର ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ରଥଯାତ୍ରା ପାଇଁ ପୁରୀରେ ସେବା ଶିବିର ଉଦ୍‌ଘାଟିତ

ପରେ ମହାବିଦ୍ୟାଳୟଠାରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଆନୁକୂଲ୍ୟରେ ଆୟୋଜିତ ସାମାଜିକ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ୟୁଥ୍ ରେଡ୍‌କ୍ରସ୍‌ର କାର୍ଯ୍ୟକାରୀ କମିଟି ଅଧକ୍ଷ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର କାର୍ଯ୍ୟକାରୀ କମିଟି ଅଧକ୍ଷ ଡ. ମହାଲିଙ୍ଗ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରେ ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସେବା ଶିବିରକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ଷ୍ଟେଟ୍ ଚିଫ୍ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ବାଲୁଖଣ୍ଡରେ ହେବ ସଫାରି

ଭୁବନେଶ୍ୱର,୬।୭(ଅସମାପିକା ସାହୁ)

ପୁରୀ ବାଲୁଖଣ୍ଡ ଅଭୟାରଣ୍ୟରେ ଜଙ୍ଗଲ ସଫାରି ହେବ। ପର୍ଯ୍ୟଟକଙ୍କୁ ଜଙ୍ଗଲ ବୁଲିବାର ଅନୁଭୂତି ମିଳିବ। ଅକ୍ଟୋବରରୁ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ଶନିବାର ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ବିଭିନ୍ନ ସ୍ଥାନରେ ବା ଅଭୟାରଣ୍ୟରେ ଥିବା ଚିତ୍ରା ହରିଣଙ୍କ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଇଛି। ବାଲୁଖଣ୍ଡ ଅଭୟାରଣ୍ୟରେ କେବଳ କୃଷ୍ଣସାର ମୃଗଙ୍କୁ ସୁରକ୍ଷା ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସେଠାରେ କୃଷ୍ଣସାର ମୃଗଙ୍କ ସଂଖ୍ୟା କମିବାରେ ଲାଗିଲା। ସେଥିପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ କୃଷ୍ଣସାର ମୃଗ ସମେତ ଚିତ୍ରା ହରିଣଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ଅକ୍ଟୋବର ସୁଦ୍ଧା ଜଙ୍ଗଲ ସଫାରି ଆରମ୍ଭ ହେବ। ପର୍ଯ୍ୟଟକଙ୍କୁ ଏହା ଏକ ନୂତନ ଅନୁଭୂତି ଯୋଗାଇଦେବ। ପୁରୀକୁ ବହୁତ ପର୍ଯ୍ୟଟକ ଯିବାଆସିବା କରୁଥିବାରୁ ସେମାନେ ଏହି ସଫାରିର ମଜା ନେଇପାରିବେ ବୋଲି ପିସିସିଏଫ୍ କହିଛନ୍ତି।

# ଲକ୍ଷାଧିକ ଟଙ୍କାର ଚନ୍ଦ୍ରଶେଖର ଅଷ୍ଟଧାତୁ ମୂର୍ତ୍ତି ଚୋରି

ଗୋପ,୬।୭(ଭାରତୀ ଭୂଷଣ ଉପାଧ୍ୟାୟ)

## ମା' ପାର୍ବତୀଙ୍କ ସୁନାର ଆଖି ତାଡ଼ି ନେଲେ ଦୁର୍ବୃତ୍ତ

ଗୋପ ଥାନା ଅଧୀନ ବୀରତୁଙ୍ଗ ପଞ୍ଚାୟତରେ ୨ଟି ଗାଁରୁ ସିରିଜ୍ ଚୋରି ହେବାର ଗୋଟିଏ ଦିନ ପରେ ପୁଣି ଏହି ଥାନା ଅଧୀନ ଏରବଙ୍ଗ ଗାଁର ଆଖଣ୍ଡଳେଶ୍ୱର ମନ୍ଦିରରୁ ଏକ ପୁରାତନ ଅଷ୍ଟଧାତୁ ଚନ୍ଦ୍ରଶେଖର ମୂର୍ତ୍ତି ଚୋରି ହୋଇଛି। ଏଥିସହ ମା' ପାର୍ବତୀଙ୍କ ସୁନା ଆଖି ଓ ମୁଣ୍ଡ ଟୋପା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳରେ ଘନଘନ ଚୋରି ହେଉଥିବାବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାବେଳେ ଅଭିଯୁକ୍ତଙ୍କ ଟେର୍ ପାଉନାହିଁ। ଗତ ଗୁରୁବାର ରାତ୍ରରେ ବୀରତୁଙ୍ଗ ପଞ୍ଚାୟତ ୨ଟି ଗାଁର ୫ଟି ପରିବାରରୁ ୧୦/୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବାବେଳେ ପୁଣି ଶୁକ୍ରବାର ରାତ୍ରିରେ ଆଖଣ୍ଡଳେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତ କୌଣସି ରାସାୟନିକ ସ୍ପ୍ରେ କରି ଦେଉଥିବାରୁ ଲୋକେ ଚେତା ହରେଇବା ପରେ ଦୁର୍ବୃତ୍ତମାନେ ସବୁ ଲୁଟି ନେଉଥିବା ଅଭିଯୋଗ ହୋଇଛି। ଏହି ପୁରାତନ ଅଷ୍ଟଧାତୁ ଚନ୍ଦ୍ରଶେଖର ମୂର୍ତ୍ତି ଲକ୍ଷାଧିକ ଟଙ୍କାର ପୂଜକ ରତ୍ନାକର ମହାପାତ୍ର, ଶରତଚନ୍ଦ୍ର ମହାପାତ୍ର, ଗଙ୍ଗାଧର ନାୟକ ଅଭିଯୋଗ କରିଛନ୍ତି। ଖବର ଲେଖାଯିବା ବେଳକୁ କୌଣସି ମକଦ୍ଦମା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ଏସ୍‌ପି ଦୃଷ୍ଟିଦେବା ସହ ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରିବାକୁ ଦାବି ହୋଇଛି।

# ଭାର୍ଗବୀରେ ତିଳତର୍ପଣ, ଜନ୍ମପୀଠରେ ଶ୍ରଦ୍ଧାଞ୍ଜଳି ସଭା

ସାକ୍ଷୀଗୋପାଳ,୬।୭(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ୍/ଭରତ ରାଉତ)

ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧୋତ୍ସବ ଶନିବାର କର୍ମପୀଠ ସାକ୍ଷୀଗୋପାଳ ଓ ଜନ୍ମପୀଠ ସୁଆଣ୍ଡୋରେ ଅନୁଷ୍ଠିତ ହୋଇଯାଇଛି। ସୁଆଣ୍ଡୋରେ ଗୋପବନ୍ଧୁ ସ୍ମୃତି ପରିଷଦ ପକ୍ଷରୁ କୁଳ ପୁରୋହିତ ଲକ୍ଷ୍ମୀକାନ୍ତ ନନ୍ଦ ବେଦମନ୍ତ୍ର ପାଠ କରି ଭାର୍ଗବୀ ନଦୀରେ ସମବେତ ଗୋପବନ୍ଧୁ ପ୍ରେମୀ ତିଳ ତଣ୍ଡୁଳ, ପୁଷ୍ପ ଓ କୁଶ ସହିତ ତର୍ପଣ କରିଥିଲେ। ସ୍ମୃତି ପରିଷଦ ସଭାପତି ଧୀରେନ୍ଦ୍ରନାଥ ଦାସଙ୍କ ନେତୃତ୍ୱରେ ଶହ ଶହ ବୁଦ୍ଧିଜୀବୀ, ଅଧ୍ୟାପକ, ପ୍ରଫେସର, ଡାକ୍ତର, ଇଞ୍ଜିନିୟର, ଶିକ୍ଷୟିତ୍ରୀ, ଶିକ୍ଷକ, ଶତାଧିକ ଛାତ୍ରୀଛାତ୍ର ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଷଠୀଘରୁ ବାହାରି ଭାର୍ଗବୀ ନଦୀ ଘାଟରେ ପହଞ୍ଚିଥିଲେ। ଲୋକକଳା ଗ୍ରାମ ସାରଙ୍ଗଯୋଡିର ମା' କ୍ଷେତ୍ରପାଳି ମୃଦଙ୍ଗ ବାଦ୍ୟ ନୃତ୍ୟ ପରିଷଦ ପକ୍ଷରୁ ରମେଶ ଚନ୍ଦ୍ର ପଲେଇଙ୍କ ନେତୃତ୍ୱରେ ସଂକୀର୍ତ୍ତନ ପରିବେଷିତ ହୋଇଥିଲା। ଷଠିଘରେ, ଗ୍ରାମରେ ଏବଂ ସଂଗ୍ରହାଳୟ ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ନିରଞ୍ଜନ ମହାପାତ୍ର, ଧ୍ରୁବ ଚରଣ ଦାସ, ରାଧାକାନ୍ତ ଦାଶ, ଦେବେନ୍ଦ୍ରନାଥ ଦାସ, କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କର୍ମପୀଠ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ସଫେଇ, ପଞ୍ଚସଖା ସମାଧିପୀଠ ଏବଂ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଧୂପଦୀପ ଓ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଗୋପ କବିତା ଗାନ କରି ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସର ରାଧାକୁଣ୍ଡ ପୁଷ୍କରିଣୀରେ ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରିଥିଲେ। ମିଶନ ସତ୍ୟବାଦୀ ଏବଂ ଅନ୍ୟ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ମିଶନ ସତ୍ୟବାଦୀ ପକ୍ଷରୁ ସ୍ମୃତିଚାରଣ ସଭାରେ ମିଶନର ସଭାପତି ସତ୍ୟବାଦୀ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ସାହିତ୍ୟ ଗବେଷକ ଓ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ପ୍ରଚାରପ୍ରସାର କରୁଥିବା ସାହିତ୍ୟ ସାଧକ ପର୍ଶୁରାମ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ଶରତ ଚନ୍ଦ୍ର ରଥ ଏବଂ ସାମ୍ମାନିତ ଅତିଥି ଭାବେ ଆଇନଜୀବୀ ସୀତାବଲ୍ଲଭ ମହାପାତ୍ର ଯୋଗଦେଇଥିଲେ।



ଭୁବନେଶ୍ୱର ପାନ୍ଥନିବାସଠାର କୋଣାର୍କ ଅଞ୍ଚଳର ସରିତା ଗୋଚ୍ଛାୟତଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।


ରଥଖଳାରୁ ସିଂହଦ୍ୱାରକୁ ରଥ ଆଣିବା ପାଇଁ ମହାପ୍ରଭୁଙ୍କ ଆଜ୍ଞାମାଳ ନିଆଯାଉଛି।


ପୁରୀ ଶରଧାବାଲି ନିକଟରେ ଆୟୋଜିତ ପଲ୍ଲିଶ୍ରୀ ମେଳାକୁ ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦ୍‌ଘାଟନ କରିବା ପରେ ବିଭିନ୍ନ ଷ୍ଟଲ ବୁଲି ଦେଖୁଛନ୍ତି।

# ଆଜି ରଥଯାତ୍ରା: ଅପରାହ୍ନ ୪ଟାରେ ରଥଟଣା

କଟକ, ୬।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରର ବିଭିନ୍ନ ମନ୍ଦିରରେ ରବିବାର ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିଶେଷକରି ସହରରେ ଥିବା ପ୍ରମୁଖ ଜଗନ୍ନାଥ ମନ୍ଦିର ମଧ୍ୟରେ ଦୋଳମୁଣ୍ଡାଇସ୍ଥିତ ଶ୍ରୀ ଶ୍ରୀ ପତିତପାବନଜୀଉ ମନ୍ଦିର, ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିର, ରାଣୀହାଟର ବଳଦେବଜୀଉ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିସହ ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି। ରବିବାର ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ କରିବା ସହ ରଥ ଟାଣିବେ। ଅପରପକ୍ଷରେ ରଥଯାତ୍ରା ପାଇଁ ସହରରେ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି।

ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପୂଜକ ଶକ୍ତିରଞ୍ଜନ ନନ୍ଦ କହିଛନ୍ତି, ମନ୍ଦିରରେ ସକାଳେ ମଙ୍ଗଳଆଳତି, ସୂର୍ଯ୍ୟପୂଜା ସହ ବିଭିନ୍ନ ନୀତି ସମ୍ପନ୍ନ ହେବ। ମଧ୍ୟାହ୍ନ ୧୨ଟା ସୁଦ୍ଧା ଠାକୁରଙ୍କ ପହଣ୍ଡି ଶେଷ ହୋଇ ଛେରା ପହଁରା କରାଯିବ। ଅପରାହ୍ନ ୧ଟାରେ ରଥଟଣା ହେବ। ଚାନ୍ଦିନୀଚୌକରୁ ରଥ ବାହାରି ବନ୍ଧବାସେଲୀ, ଡଗରପଡା, କାଫଲା ବଜାର, ସତୀଚୌରା ଦେଇ ବେଲ୍‌ଭ୍ୟୁ ଛକରେ ପହଞ୍ଚିବ। ସେଠାରେ ଥିବା ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ଠାକୁର ରହିବେ ବୋଲି ନନ୍ଦ କହିଛନ୍ତି। ସେହିପରି ଦୋଳମୁଣ୍ଡାଇସ୍ଥିତ ଶ୍ରୀ ଶ୍ରୀ ପତିତପାବନଜୀଉ ମନ୍ଦିରର ଉପଦେଷ୍ଟା ଲିଙ୍ଗରାଜ ହାତୀ କହିଛନ୍ତି, ଠାକୁରଙ୍କ ସମସ୍ତ ନୀତିକାନ୍ତି ସରିବା ପରେ ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ୨ଟାରେ ପୂର୍ବତନ ଟ୍ରଷ୍ଟି ବ୍ରଜକିଶୋର ପ୍ରଧାନ ଛେରା ପହଁରା କରିବେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ମହଲା ଓ ଚାନ୍ଦ କମିଟି ପକ୍ଷରୁ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକେ ଠାକୁରଙ୍କ ନିକଟରେ ଭୋଗ ଲଗାଇଥାନ୍ତି ବୋଲି ହାତୀ କହିଛନ୍ତି। ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ମନୋଜ କୁମାର ସାହୁ କହିଛନ୍ତି, ବିଭିନ୍ନ ନୀତି ପରେ ମଧ୍ୟାହ୍ନ ୧୨ଟାରେ ଠାକୁରଙ୍କୁ ପହଣ୍ଡିରେ ଆଣି ରଥାରୂଢ଼ କରାଯିବ। ଅପରାହ୍ନ ୨ଟାରେ ଜିଲାପାଳ ଅରିନ୍ଦମ ଡାକୁଆ ଛେରାପହଁରା କରିବେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ରଥଯାତ୍ରା ସମେତ ବାହୁଡାଯାତ୍ରା, ସୁନାବେଶ ଓ ନୀଳାଦ୍ରିବିଜେ ପାଇଁ ମନ୍ଦିର ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ସାହୁ କହିଛନ୍ତି।


ହରିପୁର ଦୋଳମୁଣ୍ଡାଇସ୍ଥିତ ଚନ୍ଦନ ପଡ଼ିଆ ରଥଖଳାରେ ତିନି ରଥ।

ଟ୍ରାଫିକ୍ ଏସିପି ସୁଶାନ୍ତ କୁମାର ସିଂ କହିଛନ୍ତି, ଦୋଳମୁଣ୍ଡାଇର ପତିତପାବନଜୀଉ ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ରାଣୀହାଟର ବଳଦେବଜୀଉ ମନ୍ଦିରର ରଥଯାତ୍ରା ସମୟରେ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି। ରଥଟଣା ସମୟରେ କୌଣସି ଗାଡି ଦୋଳମୁଣ୍ଡାଇ ଛକରୁ

### ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ କଟକଣା

ପିଠାପୁର ଓ ହରିପୁର ଯାଇପାରିବ ନାହିଁ। ଏହାସହ ସେମିନାରୀ ଛକ ପଟୁ ଦୋଳମୁଣ୍ଡାଇ ଛକ ଓ ପିଠାପୁର ଶିବମନ୍ଦିର ଦେଇ ଦୋଳମୁଣ୍ଡାଇ ମେଳଣ ପଡିଆ ବାଟେ ଆସିପାରିବ ନାହିଁ। ସେହିପରି ରାଣୀହାଟରେ ରଥଟଣା ସମୟରେ କୌଣସି ଗାଡି ଓଏମ୍‌ପି ପଟୁ ରାଣୀହାଟ କିମ୍ବା ଏସ୍‌ସିବି ମେଡିକାଲ ସିଧାସଳଖ ଆସିପାରିବ ନାହିଁ। ଗାଡିଗୁଡ଼ିକ ଯୋବ୍ରା ଆନିକଟ୍ ଦେଇ ଏସ୍‌ସିବି ମେଡିକାଲ ଅଭିମୁଖେ ଯାଇପାରିବ। ଅପରପକ୍ଷରେ ଚାନ୍ଦିନୀଚୌକ ରଥଟଣା ସମୟରେ କୌଣସି ଗାଡି ମହାନ୍ତି ପଡାରୁ ଚାନ୍ଦିନୀଚୌକ ଆସିପାରିବ ନାହିଁ। ଏହାସହ ଗୁରୁ ମହାନ୍ତି ଛକ ଓ ଡଗରପଡାରୁ କୌଣସି ଗାଡି ଚାନ୍ଦିନୀଚୌକ ଯାଇପାରିବ ନାହିଁ ବୋଲି ସିଂ କହିଛନ୍ତି।

# ରଥଯାତ୍ରା ପାଇଁ ପୁରୀକୁ ଗଡ଼ିଲା ସ୍ୱତନ୍ତ୍ର ଟ୍ରେନ୍

### କଟକ ଷ୍ଟେଶନରୁ ଶୁଭାରମ୍ଭ କଲେ ଏମ୍‌ପି

କଟକ, ୬।୭(ଶିଳ୍ପା ପ୍ରିୟଦର୍ଶିନୀ)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଶନିବାର କଟକ ରେଲଷ୍ଟେଶନଠାରେ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ୩୧୫ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି। ଶନିବାର ସକାଳ ୯ଟାରେ କଟକ ଦେଇ ପ୍ରଥମ ସ୍ୱତନ୍ତ୍ର ଟ୍ରେନ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏହାକୁ ଉଦ୍‌ଘାଟନକରି କହିଛନ୍ତି, ଗତବର୍ଷ ଅଧିକ ଟ୍ରାକ୍‌ର ସୁବିଧା ନ ଥିବାରୁ ପୁରୀକୁ ଅଧିକ ଟ୍ରେନ୍



କଟକ ରେଲଷ୍ଟେଶନଠାରେ ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱତନ୍ତ୍ର ଟ୍ରେନ୍ ସେବାକୁ ଶୁଭାରମ୍ଭ କରୁଛନ୍ତି।

ଗଡିପାରି ନ ଥିଲା। ଚଳିତବର୍ଷ ଟ୍ରାକ୍ ସଂଖ୍ୟା ବଢାଇ ଦିଆଯାଇଛି। ଫଳରେ ରଥଯାତ୍ରା ପାଇଁ ପୁରୀକୁ ଏତେ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ୍ ଗଡିପାରିବ। ଏହାଦ୍ୱାରା ବିଭିନ୍ନ ରାଜ୍ୟରୁ ଭକ୍ତମାନେ ସୁରୁଖୁରୁରେ ପୁରୀକୁ ଯାତ୍ରା କରିପାରିବେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ପ୍ରକାଶ ଦାସ, ଇଷ୍ଟକୋଷ୍ଟ ରେଲୱେର ଷ୍ଟେଶନ ମାଷ୍ଟର ଓ ଅଧିକାରୀଙ୍କ ସମେତ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# ଗଣ୍ଡଗୋଳ ଘଟଣା: ଭାବଗ୍ରାହୀ ଗିରଫ

ତିଗିରିଆ, ୬।୭(ଜାଫର ଖାଁ)

ତିଗିରିଆ ଥାନା ଭୋଗଡା ପଞ୍ଚାୟତ ଅନ୍ତର୍ଗତ ବେଲଅଣ୍ଟା ଗ୍ରାମରେ ଏକ ଗଣ୍ଡଗୋଳ ଘଟଣାରେ ଶନିବାର ଏହି ଗ୍ରାମର ଭାବଗ୍ରାହୀ ପଣ୍ଡାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମରେ ପଞ୍ଚାୟତ ନିର୍ବାଚନ ପରଠାରୁ ୨ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଏନେଇ ଗ୍ରାମରେ ଶାନ୍ତି ଫେରାଇ ଆଣିବା ପାଇଁ ଗ୍ରାମାଞ୍ଚଳ ଏସ୍‌ପି ଏଲ୍. ଦିବ୍ୟାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକ, ଆଇଆଇସି ସୁମନ୍ତ କିଷାନ ଓ ଏସ୍‌ଆଇ ଅନୀଲ ନାୟକଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଶୁକ୍ରବାର ଉକ୍ତ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଅରୁଣ ନାୟକଙ୍କୁ ବୋମାମାଡ଼ ଘଟଣାରେ ସାଲେପୁରରୁ ଗିରଫ କରିଥିବାବେଳେ ଶନିବାର ଅପରାହ୍ନରେ ଅପର ଗୋଷ୍ଠୀର ମୁଖ୍ୟ ଭାବଗ୍ରାହୀଙ୍କୁ ଧରିଛି।

# ‘ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନକୁ ଅନୁସରଣ କରିବା’

କଟକ, ୬।୭ (କାର୍ତ୍ତିକ ସାହୁ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଜଣେ ବିରଳ ବ୍ୟକ୍ତିତ୍ୱ। ସେ ଜୀବନକୁ ଉତ୍ସର୍ଗ କରି ଦୁଃଖୀଙ୍କ ସେବା କରିଛନ୍ତି। ତାଙ୍କ ତ୍ୟାଗପୂତ ଜୀବନକୁ ଆମେ ଅନୁସରଣ କରିପାରିଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀରେ ବିଶିଷ୍ଟ ବ୍ୟକ୍ତିମାନେ ଶନିବାର ମତପ୍ରକାଶ କରିଛନ୍ତି। ଗୋପବନ୍ଧୁଙ୍କ କର୍ମସ୍ଥଳୀ କଟକରେ ସର୍ବଧର୍ମ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହାନଦୀର ଗଡ଼ଗଡ଼େଶ୍ୱର ଘାଟରେ ତିଳତର୍ପଣ ପରେ ବାରବାଟୀ ଷ୍ଟାଡିୟମ, ଗୋପବନ୍ଧୁବାଗ ଓ ଗୋପବନ୍ଧୁ ଭବନରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜକୁମାର ଚୋପ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାକୁ ସମାଜ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ‘ସମାଜ’ର ସ୍ୱତନ୍ତ୍ର


କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି।

ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଚୋପ୍ରାଙ୍କ ସହଧର୍ମିଣୀ କାନ୍ତା ଚୋପ୍ରା, ସିଏମ୍‌ସି ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଓ ସମ୍ପାଦକ ଭିକାରି ଦାସ, ଆଇନଜୀବୀ ରାମନାଥ ଝା, ନୀଳଚକ୍ର ଅନୁଷ୍ଠାନର ସଭାନେତ୍ରୀ ନମିତା ପଣ୍ଡା, ଡା. ଶିଶୁ ଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସର୍ବଧର୍ମ ପ୍ରାର୍ଥନା ସଭାରେ ଉମେଶ ମିଶ୍ର ଗୀତା, ଇନ୍ଦୁ କୁମାରୀ ବାଇବେଲ ଏବଂ ସୟଦ ଇମ୍‌ତିଆଜ ଅହମ୍ମଦ କୋରାନ ପାଠ କରିଥିଲେ।

ସେହିପରି ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ କଟକ ବକ୍ସିବଜାରଠାରେ ପାଳିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପଡ଼ିହାରୀ, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, ସଂଘ ସଭ୍ୟ ମନୋଜ ପାଲ, ଦୁର୍ଗାପ୍ରସାଦ ଛାଟୋଇ, ସନ୍ତୋଷ ମହାନ୍ତି, ସଦାନନ୍ଦ ବେହେରା ଓ ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# କଟକରୁ ପୁରୀ ଗଡ଼ିବ ୨୦୦ ବସ୍

କଟକ, ୬।୭ (କାର୍ତ୍ତିକ ସାହୁ)

- ଏସି ଭଡ଼ା ୧୦୦, ନନ୍‌ଏସି ୮୦ ଟଙ୍କା
- ନେତାଜୀ ବସ୍ ଟର୍ମିନାଲରେ ୧୩ ସ୍ୱତନ୍ତ୍ର ବେ’

ପୁରୀ ରଥଯାତ୍ରାକୁ ଯାତ୍ରୀ ପରିବହନ ପାଇଁ କଟକରୁ ପ୍ରାୟ ୨୦୦ ବସ୍ ଗଡ଼ିବ। କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ରୁ ବସ୍‌ଗୁଡ଼ିକ ଯାତ୍ରୀ ନେଇ ପୁରୀ ଅଭିମୁଖେ ଯାତ୍ରା କରିବେ। ରଥଯାତ୍ରାରେ ପୁରୀକୁ ଯାତ୍ରୀ ପରିବହନ ପାଇଁ ସିଏନ୍‌ବିଟିରେ ସ୍ୱତନ୍ତ୍ର ଭାବେ ୧୩ଟି ବେ’ ରିଜର୍ଭ ରଖାଯାଇଥିବା ଜଣାଯାଇଛି।

କଟକ ବସ୍ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀଙ୍କ ସୂଚନା ଅନୁଯାୟୀ, ସିଏନ୍‌ବିଟିର ୪ ନମ୍ବର ବେ’ରୁ ପୁରୀକୁ ନିୟମିତ ବସ୍‌ଗୁଡ଼ିକ ଯାଉଛି। ମାତ୍ର ରଥଯାତ୍ରା ପାଇଁ ୧୩ଟା ବେ’ ସ୍ୱତନ୍ତ୍ର ଭାବେ ରିଜର୍ଭ ରଖାଯାଇଛି। ସେଥିମଧ୍ୟରୁ ୬ଟି ବେ’ରେ ସ୍ୱତନ୍ତ୍ର ବସ୍ ଓ ୭ଟି ବେ’ରେ ନିୟମିତ ବସ୍‌ଗୁଡ଼ିକ ଯାତ୍ରୀ ଉଠାଇବେ। ସକାଳ ୭ଟାରୁ ସ୍ୱତନ୍ତ୍ର ବସ୍‌ଗୁଡ଼ିକ ଚାଲିବ। କଟକରୁ ପୁରୀକୁ ନିୟମିତ ୮୫ଟି ବସ୍ ଚାଲୁଛି। ସନ୍ଧ୍ୟା ସୁଦ୍ଧା ୭୩ଟି ବସ୍ ପୁରୀ ପାଇଁ ସ୍ୱତନ୍ତ୍ର ପରମିଟ୍ ଆଣିଥିବାବେଳେ ପରବର୍ତ୍ତୀ ସମୟରେ ଏହା ଅଧିକ ହେବାର ଆଶା ରହିଛି। ଏହାବାଦ୍ ପାର୍ଶ୍ୱବର୍ତ୍ତୀ ଜିଲାରୁ ବସ୍‌ଗୁଡ଼ିକ କଟକ ଦେଇ ପୁରୀ ଯାତାୟାତ କରିପାରିବ। ତେବେ ଏସବୁକୁ ମିଶାଇ ପ୍ରାୟ ୨୦୦ ବସ୍ ରଥଯାତ୍ରା ଅବସରରେ କଟକରୁ ପୁରୀ ଯାତ୍ରୀ ପରିବହନରେ ନିୟୋଜିତ କରାଯାଇଛି। ପ୍ରାୟ ୫୦ଟି ବସ୍ ଏସି ଥିବାବେଳେ ଅବଶିଷ୍ଟ ବସ୍‌ଗୁଡ଼ିକ ନନ୍‌ଏସି। ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ପକ୍ଷରୁ ନିର୍ଦ୍ଧାରିତ ଭଡ଼ାଠାରୁ କେହି ଟଙ୍କାଏ ବି ଅଧିକ ନେବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଏସ୍‌ଟିଏ ପକ୍ଷରୁ ପ୍ରଚଳିତ ବସ୍ ଭଡ଼ା ଅନୁସାରେ କଟକରୁ ପୁରୀକୁ ଏସି ବସ୍ ଭଡ଼ା ୧୦୦ ଟଙ୍କା ଓ ନନ୍‌ଏସି ବସ୍ ଭଡ଼ା ୮୦ ଟଙ୍କା ଧାର୍ଯ୍ୟ ହୋଇଛି। ଏହାଠାରୁ କୌଣସି ବସ୍ ଅଧିକ ଭଡ଼ା ନେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୃଥକ୍ ଭାବେ ଏସ୍‌ଟିଏ କମିଶନର, ଆର୍‌ଟିଓ ବୈଠକରେ ବସ୍ ମାଲିକଙ୍କୁ ସଂଘ ମାଧ୍ୟମରେ ଅବଗତ କରାଯାଇଛି। ନିୟମିତ ବସ୍‌ଗୁଡ଼ିକ ରଥଯାତ୍ରାରେ ୨ ଥର ଯିବେ ଓ ୨ ଥର ଆସିବେ। ଅପରପକ୍ଷରେ ସ୍ୱତନ୍ତ୍ର ଭାବେ ପରମିଟ୍ ପାଇଥିବା ବସ୍‌ଗୁଡ଼ିକ କଟକରୁ ପୁରୀ ଥରେ ଲେଖାଏ ଯିବାଆସିବା କରିବେ। ତେବେ ଯାତ୍ରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ଆବଶ୍ୟକ ହେଲେ ଅଧିକ ବସ୍ ବି ନିୟୋଜିତ କରାଯିବ। ଯାତ୍ରୀଙ୍କ ସୁବିଧା ପାଇଁ ବସ୍ ମାଲିକ ସଂଘ ପକ୍ଷରୁ ପାଣି ବୋତଲ ଏବଂ ଓଆର୍‌ଏସ୍ ପାଣି ଯୋଗାଇ ଦିଆଯିବ। ଏହାବାଦ୍ କଟକ ନେତାଜୀ ବସ୍ ଟର୍ମିନାଲରେ ନିରବଚ୍ଛିନ୍ନ ଫିଲ୍‌ଟର ପାଣି ଯୋଗାଣ କରାଯିବ।

## ନନ୍ଦନକାନନକୁ ଆସିବେ ୨୧, ଯିବେ ୫୩

ବାରଙ୍ଗ, ୬।୭(ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ପ୍ରାଣୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ନନ୍ଦନକାନନରେ ପ୍ରାଣୀଙ୍କ ନୂତନ ବଂଶ ତିଆରି କରିବା ଏହି ଅଦଳବଦଳର ମୁଖ୍ୟ ଲକ୍ଷ୍ୟ ରହିଛି। ରାଞ୍ଚିର ଭଗବାନ ବିର୍ସା ବାୟୋଲୋଜିକାଲ ପାର୍କ ଓ ନନ୍ଦନକାନନ ମଧ୍ୟରେ ପ୍ରାଣୀ ଅଦଳବଦଳ ହେବାକୁ ଯାଉଛି। ଏଥିପାଇଁ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷ ସ୍ୱୀକୃତି ଦେଇଛନ୍ତି। ଆସନ୍ତା ୯ରୁ ୧୪ ତାରିଖ ମଧ୍ୟରେ ଅଦଳବଦଳ ପ୍ରକ୍ରିୟା ହେବ ବୋଲି ଜଣାପଡ଼ିଛି। ଏଥିପାଇଁ ନନ୍ଦନକାନନର ୮ ଜଣିଆ ଟିମ୍ ବଛାଯାଇଛି। ଆସନ୍ତା ୯ରେ ନନ୍ଦନକାନନରୁ ଏହି ଟିମ୍ ୧ ଧଳାବାଘ, ୪ ଗୁରାଣ୍ଡି, ୪ ଡାଳି ଓଧ, ୨୦ ଅନ୍ଧାରି ବଗ, ୨୦ କଳାମୁଣ୍ଡିଆ ବାଜେଣି, ୨ ବିଲୁଆକୁ ମିଶାଇ ସମୁଦାୟ ୫୩ ପ୍ରାଣୀଙ୍କୁ ସାଙ୍ଗରେ ନେଇ ରାଞ୍ଚି ଅଭିମୁଖେ ଯାତ୍ରା କରିବ। ସେଠାରୁ ଏହି ଟିମ୍ ୧ କଳା ଲୋମଯୁକ୍ତ ବାଘ, ୧ କଳା ଲୋମଯୁକ୍ତ ବାଘ ବଂଶଜର ଏକ ମହାବଳବାଘ, ୪ ହେଟାବାଘ, ୧୦ ଝିଙ୍କ, ୫ ନୀଳଗାଇକୁ ମିଶାଇ ସମୁଦାୟ ୨୧ଟି ପ୍ରାଣୀଙ୍କୁ ସାଙ୍ଗରେ ଧରି ନନ୍ଦନକାନନକୁ ଆସିବ।

# ଚାଣକ୍ୟ ହସ୍ପିଟାଲ ସିଲ୍

କଟକ, ୬।୭(ଶିଳ୍ପା ପ୍ରିୟଦର୍ଶିନୀ)

- ୨୦୧୫ରୁ ରେଜିଷ୍ଟ୍ରେଶନ ଅବଧି ଶେଷ
- ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନାହିଁ

କଟକ ରାଣୀହାଟ ଅଞ୍ଚଳରେ ଥିବା ଚାଣକ୍ୟ ହସ୍ପିଟାଲକୁ ଶନିବାର ସିଲ୍ କରାଯାଇଛି। ଜାତୀୟ ମାନବାଧିକାର କମିଶନ୍(ଏନ୍‌ଏଚ୍‌ଆରସି)ଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ହସ୍ପିଟାଲରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଉକ୍ତ ହସ୍ପିଟାଲର ରେଜିଷ୍ଟ୍ରେଶନ ଅବଧି ୨୦୧୫ରୁ ଶେଷ ହୋଇଥିବାବେଳେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନ ଥିବା ଜଣାପଡିଥିଲା। ତେଣୁ ଉକ୍ତ ହସ୍ପିଟାଲକୁ ସିଲ୍ କରାଯାଇଛି। ଏନେଇ କଟକର ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଚିନ୍ତାମଣି ମିଶ୍ର କହିଛନ୍ତି, ଉକ୍ତ ହସ୍ପିଟାଲର ରେଜିଷ୍ଟ୍ରେଶନ ଅବଧି ଶେଷ ହୋଇଛି। ଏଥିସହ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନାହିଁ। ସେହିପରି ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ କହିଛନ୍ତି, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନ ଥିବା ଓ ବିନା ରେଜିଷ୍ଟ୍ରେଶନରେ କଟକ ସହରରେ ଅନେକ ହସ୍ପିଟାଲରେ ରୋଗୀ


ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଣକ୍ୟ ହସ୍ପିଟାଲରେ ଚଢ଼ାଉ କରାଯାଉଛି।

ଚିକିତ୍ସା କରାଯାଉଛି। ଏହାକୁ ଚିହ୍ନଟ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏଭଳି ହସ୍ପିଟାଲ ସମ୍ପର୍କରେ ଯଦି କୌଣସି ଖବର ମିଳେ ତୁରନ୍ତ ସେଠାରେ ଚଢ଼ାଉ କରାଯିବ। ଅପରପକ୍ଷରେ ଚାଣକ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରଦୀପ୍ତ କୁମାର ବରାଳ କହିଛନ୍ତି, ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇଁ ଆବେଦନ କରିଛୁ। ହେଲେ ଏହା ମିଳିବାରେ ବିଳମ୍ବ ହୋଇଛି। ଶନିବାର ଅଗ୍ନି ନିରାପତ୍ତା ଟିମ୍ ହସ୍ପିଟାଲକୁ ଆସି ଯାଞ୍ଚ କରିବାକୁ ଥିବାବେଳେ ଏହା ପୂର୍ବରୁ ପ୍ରଶାସନର ଟିମ୍ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନର ଅଧିକାରୀ, ଜୋନ୍ ଏସିପି ଗିରିଶ ଚକ୍ରବର୍ତ୍ତୀଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ବାବଲପୁରର କିଶୋର ଚନ୍ଦ୍ର ଦାଶ(୪୭) ସାମାନ୍ୟ ଦୁର୍ଘଟଣାର ଶିକାର ହୋଇ ଚାଣକ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ଅବହେଳାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏହି ହସ୍ପିଟାଲ ବିନା ରେଜିଷ୍ଟ୍ରେଶନରେ ଚାଲୁଥିବା ଜଣାପଡ଼ିଥିଲା। ହାଇକୋର୍ଟ ଆଇନଜୀବୀ ନିଶିକାନ୍ତ ମିଶ୍ର ଓ ଶ୍ରୀ ଅଖଣ୍ଡ ମିଳିତ ଭାବେ ଏନ୍‌ଏଚ୍‌ଆର୍‌ସିରେ ଏନେଇ ମାମଲା ଦାଏର କରିଥିଲେ। ଏହି ଅଭିଯୋଗକୁ ଏନ୍‌ଏଚ୍‌ଆର୍‌ସି ଗୁରୁତର ସହିତ ବିଚାର କରି ଉକ୍ତ ହସ୍ପିଟାଲ ସହ ବିନା ଲାଇସେନ୍ସରେ ଚାଲିଥିବା ଅନ୍ୟ ହସ୍ପିଟାଲ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଂଶୁମାନ


@ ପ୍ରଣତି


@ ତର୍ଗିସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖବରଦାତା ନିର୍ମଳ ପଣ୍ଡାଙ୍କ ପରଲୋକ

ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୬।୭(ଯଯାତି ସିଂହ/ଅଶୋକ କୁମାର ମହାପାତ୍ର)



ବରିଷ୍ଠ ଖବରଦାତା ନିର୍ମଳ ପଣ୍ଡାଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୪୯ ବର୍ଷ ହୋଇଥିଲା। ତାଙ୍କ ଘର ମାହାଙ୍ଗା ବ୍ଲକ ଅନ୍ତର୍ଗତ ଉଷୁମା ଗ୍ରାମରେ। ସେ ମଧ୍ୟାହ୍ନରେ ବଜାରରୁ ଫେରି ଘରେ ଶୋଇଥିଲେ। ଦେହରୁ ପ୍ରବଳ ଝାଳ ବାହାରିବାରୁ ପରିବାର ଲୋକେ ତାଙ୍କୁ ଓଦା କପଡ଼ାରେ ପୋଛାପୋଛି କରିଥିଲେ। ଏହାପରେ ସେ ଶୋଇପଡ଼ିଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ସେ ନିଦରୁ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। କିନ୍ତୁ ସେ ଉଠି ନ ଥିଲେ। ତୁରନ୍ତ ନିର୍ମଳଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସାରୁ ନିର୍ମଳଙ୍କ ମୃତ୍ୟୁ ହୃଦ୍‌ଘାତରୁ ହୋଇଥିବା କୁହାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି।

ସେ ଜଣେ ଦକ୍ଷ, ନିର୍ଭୀକ ଏବଂ ପରୋପକାରୀ ଖବରଦାତା ଭାବେ ସାରା ରାଜ୍ୟରେ ସୁପରିଚିତ ଥିଲେ। ମାହାଙ୍ଗାରେ ଧରିତ୍ରୀ ଖବରଦାତା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର, ଝାରସୁଗୁଡ଼ା ଏବଂ କଟକ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଅନ୍ୟାନ୍ୟ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ତାଙ୍କ ମୃତ୍ୟୁ ଖବରପାଇ ମାହାଙ୍ଗାର ଖବରଦାତା, ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଓ ବିଧାୟକ ସାରଦା ପ୍ରସାଦ ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଭାଜପା ନେତା ସୁମନ୍ତ ଘଡେଇ, କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ଡ. ବିଜୟାନନ୍ଦ ସିଂହ, ସେକ୍ ମସୁଦ ଅଲି, ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ବ୍ଲକ୍ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଶରତ ମହାପାତ୍ର, ଖବରଦାତା ସୁମନ୍ତ ଜେନା, ଭକ୍ତଚରଣ ସାହୁ, ଅଜୟ ମହାନ୍ତି, ପ୍ରଶାନ୍ତ ମିଶ୍ର, ଅଖିଳେଶ ମହାନ୍ତି, ରଶ୍ମିରଞ୍ଜନ ମହାନ୍ତି, ଲକ୍ଷ୍ମୀଧର ଖୁଣ୍ଟିଆ, ଦୀପକ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶେଷ ଦର୍ଶନ କରିଛନ୍ତି। ତାଙ୍କ ଅକାଳ ବିୟୋଗରେ ନିଶ୍ଚିନ୍ତକୋଇଲି ବ୍ଲକର ବରିଷ୍ଠ ଖବରଦାତା ବଲ୍ଲଭ ଚରଣ ପଲେଇ, ଅଶୋକ ମହାପାତ୍ର, ପ୍ରଫୁଲ୍ଲ ଦାସ, ସମୀର ରଞ୍ଜନ ନିହାଣ, ଲକ୍ଷ୍ମଣ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ରବିବାର ଗ୍ରାମରେ ନିର୍ମଳଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ।

